POSTAL REGISTRATION NO.- PURI/45/2025-27

RNI REGISTRATION NO.- ODIBIL/2021/81452




# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA




Visit our website: sssoochanaenewspaper.in

/shreeshrikshetrasoochana /ssoochana +91 94370 58632

| VOL - 4 | ISSUE - VIII | AUGUST 2025 | PURI | PAGE - 8 | Rs. 10.00 |
|---|---|---|---|---|---|
| ଚତୁର୍ଥ ବର୍ଷ | ଅଷ୍ଟମ ସଂଖ୍ୟା | ଅଗଷ୍ଟ ୨୦୨୫ | ପୁରୀ | ପୃଷ୍ଠା : ୮ | ମୂଲ୍ୟ : ଟ. ୧୦.୦୦ |


## ସମ୍ପାଦକୀୟ

## ଅନୁପ୍ରେରଣାର ନୂତନ କିରଣ: ରୁଷିଆର କ୍ୟାନ୍ସର ଟିକା ସଫଳତା



ଏକ ଦୀର୍ଘ ସମୟ ଧରି ମାନବଜାତି ନିମନ୍ତେ ଭୟଙ୍କର ଚୁନୌତି ହେଉଥିବା କ୍ୟାନ୍ସର ରୋଗ ବିରୁଦ୍ଧରେ ଏବେ ଆଶାର ଏକ ନୂତନ କିରଣ ଦେଖାଦେଇଛି । ରୁଷିଆର ଫେଡେରାଲ ମେଡିକାଲ ଏବଂ ବାୟୋଲଜିକାଲ ଏଜେନ୍ସି (ଋଗଈଇ) ଦ୍ୱାରା ବିକାଶ କରାଯାଇଥିବା ଋଭଣ୍ସରକ୍ସକ୍ସୁଙ୍କସଙ୍ଘ ନାମକ ଙ୍କଜଘଇ ଆଧାରିତ କ୍ୟାନ୍ସର ଟିକା ଏକ ଅନୁଷ୍ଠାନରେ ୧୦୦% ସଫଳତା ଦେଖାଇଛି । ଏହି ଟିକା କେବଳ ରୋଗ ପ୍ରତିରୋଧ ନୁହେଁ, ବରଂ ଟିକା ଦ୍ୱାରା ଟିଉମର କମିବା, ବୃଦ୍ଧି ଧୀର କରିବା ଓ ପୁନଃପ୍ରୟୋଗ ସୁରକ୍ଷିତ ଥିବା ପ୍ରମାଣିତ ହୋଇଛି । ଏହି ଟିକାର ବିଶେଷତା ହେଉଛି ଏହା ପ୍ରତ୍ୟେକ ରୋଗୀଙ୍କର ଜଘଇ ପ୍ରୋଫାଇଲ ଅନୁଯାୟୀ ବ୍ୟକ୍ତିଗତ ଭାବେ ତିଆରି କରାଯିବ । ପ୍ରାଥମିକ ଭାବେ ଏହା କୋଲୋନ କ୍ୟାନ୍ସର ପାଇଁ ବ୍ୟବହୃତ ହେବାକୁ ଯାଉଛି, ଯେଉଁଥିରେ ଟିଉମର ୬୦ –୮୦% ପର୍ଯ୍ୟନ୍ତ କମିଥିବା ଦେଖାଯାଇଛି । ଏହି ଟିକା ରେଡିଏସନ ବା କିମୋଥେରାପି ପରି ଦୁର୍ଗମ ପ୍ରତିକ୍ରିୟା ଦେଉନାହିଁ, ଯାହା ଏହାକୁ ଅଧିକ ସୁରକ୍ଷିତ ଓ ସହଜ ମାନ୍ୟ କରାଯାଇପାରିବା ମାନବ ଶରୀର ପାଇଁ ଉପଯୁକ୍ତ କରେ ।ଏହି ବିଜ୍ଞାନ ଉନ୍ନତି ମାନବ ସ୍ୱାସ୍ଥ୍ୟ ରକ୍ଷାରେ ଏକ ମାଇଲସ୍ଟୋନ ଭାବେ ଦେଖାଯାଉଛି । ବିଶ୍ୱବ୍ୟାପୀ ଭୟଙ୍କର ରୋଗ କ୍ୟାନ୍ସର ବର୍ତ୍ତମାନ ବିଜ୍ଞାନ ଓ ଚିକିତ୍ସା ବିଜ୍ଞାନ ପାଇଁ ଏକ ଦୀର୍ଘ ସମୟ ଧରି ଚ୍ୟାଲେଞ୍ଜ ହୋଇଥିଲା । ଏହି ରୋଗ ରୋଜ ହଜାରେ ଜୀବନ ଗ୍ରସ୍ତ କରୁଛି । ଏମିତି ସମୟରେ ରୁଷ ଦ୍ୱାରା ଏକ ନୂତନ କ୍ୟାନ୍ସର ଟିକା ଉପରେ ହୁଏଥିବା ପରୀକ୍ଷା ଏବଂ ତାହାର ସଫଳତା ବିଶ୍ୱ ମାନବତା ପାଇଁ ଏକ ଆଶାର ନୂଆ କିରଣ ରୂପେ ପ୍ରମାଣିତ ହେଉଛି ।ଏହି କ୍ୟାନ୍ସର ଟିକାର କ୍ଲିନିକାଲ୍ ପରୀକ୍ଷା ରୁଷରେ ନିର୍ବିଘ୍ନରେ ଚାଲିଛି ଓ ପ୍ରାଥମିକ ଫଳାଫଳ ଅନୁସାରେ ଏହା ଦେହରେ କ୍ୟାନ୍ସର କୋଷ ବିରୋଧରେ ସକ୍ରିୟ ପ୍ରତିରୋଧକ ଶକ୍ତି ଉତ୍ପନ୍ନ କରୁଛି । ଏହି ଅଭିଜ୍ଞାନ ଯଦି ଏଗିଅଇ ଯାଏ ଓ ବିଶ୍ୱ ସ୍ତରରେ ସଫଳ ହୁଏ, ତେବେ ଏହା ଆଗାମୀ ପିଢି ପାଇଁ ଏକ ଅମୂଲ୍ୟ ଉପହାର ହେବ ।ଏହି ପ୍ରୟାସ କେବଳ ଚିକିତ୍ସା ବିଜ୍ଞାନର ଏକ ବଡ଼ ଉନ୍ନତି ନୁହେଁ, ବରଂ ଏହା ଦେଖାଏ ଯେ ଯଦି ରାଷ୍ଟ୍ର ଏକ ଦୃଢ ଇଚ୍ଛାଶକ୍ତି ସହିତ ଗବେଷଣାକୁ ଗୁରୁତ୍ୱ ଦିଏ, ତେବେ ଯେକୌଣସି ଅସମ୍ଭବ କାମକୁ ସମ୍ଭବ କରାଯାଇପାରିବ । ଏଠାରୁ ଅନ୍ୟ ଦେଶମାନେ, ସେଗୁଡିକ ମଧ୍ୟ ଅବିକଶିତ ଓ ବିକାଶଶୀଳ ଦେଶ ଶିଖିପାରିବେ ଯେ, ଗବେଷଣା ଓ ଅନୁସନ୍ଧାନରେ ବିନିଯୋଗ କିପରି ଦୀର୍ଘମିୟାଦୀ ଫଳ ଦେଇପାରିବ । କର୍କଟ ଏକ ଏପରି ରୋଗ; ଯାହାର ନାଁ ଶୁଣିଲେ ବି ଲୋକଙ୍କ ଭିତରେ ଛନ୍‌କା ପଶିଯାଏ । କାହାକୁ କର୍କଟ ହୋଇଗଲେ ଲୋକେ ଈଶ୍ୱରଙ୍କୁ ଡାକିବା ଛଡ଼ା ଆଉ କିଛି ଉପାୟ ନଥାଏ । ଅବଶ୍ୟ କର୍କଟ ପାଇଁ ଔଷଧ ଅଛି । ହେଲେ ଅନେକ ଲୋକ ଯେ ଚିକିତ୍ସା ସତ୍ତ୍ୱେ ପ୍ରାଣ ହରାଉଛନ୍ତି; ତାହା ସତ୍ୟ । ଏହାରି ଭିତରେ ଆଶାର କିରଣ ସୃଷ୍ଟି କରିଛି ରୁଷିଆ । ଏବେ ରୁଷିଆର ଫେଡେରାଲ୍ ମେଡିକାଲ୍ ଆଣ୍ଡ୍ ବାୟୋଲୋଜିକାଲ୍ ଏଜେନ୍ସି (ଏଫ୍ଏମ୍‌ବିଏ))ର ଦାବି 'ଡର୍ କେ ଆଗେ ଜିତ୍ ହେ' କଥାକୁ ପ୍ରମାଣିତ କରୁଥିବା ପରି ମନେହେଉଛି ।

(ରାଜେଶ କୁମାର ମହାନ୍ତି)

# ୧୫ତମ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ ସିପି ରାଧାକ୍ରିଷ୍ଣନ



**ଜାତୀୟ ଗଣତନ୍ତ୍ରିକ ମେଣ୍ଟ (ଏନଡିଏ) ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଭାରତର ନୂଆ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି । ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଉପରାଷ୍ଟ୍ରପତି ପଦ ଖାଲିଥିଲା ।**

**ନୂଆଦିଲ୍ଲୀ :** ଜାତୀୟ ଗଣତନ୍ତ୍ରିକ ମେଣ୍ଟ (ଏନଡିଏ) ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଭାରତର ନୂଆ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି । ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଉପରାଷ୍ଟ୍ରପତି ପଦ ଖାଲିଥିଲା ।ଆଜି ହୋଇଥିବା ଉପରାଷ୍ଟ୍ରପତି ନିର୍ବାଚନରେ ରାଧାକ୍ରିଷ୍ଣନଙ୍କୁ ୪୫୨ଟି ଓ ବିପକ୍ଷ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀ ଜଷ୍ଟିସ ସୁଦର୍ଶନ ରେଡ୍ଡିଙ୍କୁ ୩୦୦ଟି ପ୍ରଥମ ପସନ୍ଦ ଭୋଟ ମିଳିଥିଲା । ଭୋଟ ଗଣତି ପରେ ରାଜ୍ୟସଭାରେ ମହାସଚିବ ପିସି ମୋଦୀ ଫଳାଫଳ ଘୋଷଣା କରିଥିଲେ । ଶ୍ରୀ ପିସି ମୋଦୀଙ୍କ ସୂଚନା ଅନିସାରେ ଏହି ନିର୍ବାଚନରେ ମୋଟ ୭୮୮ ଜଣ ଭୋଟ ଦେବାକୁ ଅଧିକୃତ ଥିଲେ, ଯେଉଁଥିରୁ ୭୮୧ ଜଣ ଅଂଶଗ୍ରହଣ କରିଥିଲେ । ଭୋଟଦାନ ପ୍ରତିଶତ ଥିଲା ୯୮.୨% । ମୋଟ ୭୬୭ ଭୋଟ ପଡ଼ିଥିଲା, ଯେଉଁଥିରୁ ୭୫୨ ଭୋଟ ବୈଧ ଥିଲା । ସି.ପି. ରାଧାକୃଷ୍ଣନ ୪୫୨ ଭୋଟ ପାଇଥିଲେ ଯେତେବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁଦର୍ଶନ ରେଡ୍ଡୀ ୩୦୦ ଭୋଟ ପାଇଥିଲେ । ଫଳରେ ସେ *(ପୃଷ୍ଠା-୬)*





ନବନିର୍ବାଚିତ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଆପଣଙ୍କର ଗଭୀର ପ୍ରଶାସନିକ ଅଭିଜ୍ଞତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଗଭୀର ପ୍ରତିବଦ୍ଧତା ସଂସଦ ତଥା ଦେଶର ମର୍ଯ୍ୟାଦା ଓ ଗରିମାକୁ ବୃଦ୍ଧି କରିବ ବୋଲି କହିଛନ୍ତି ।



CMO Odisha reposted

Mohan Charan Majhi @MohanMOdisha · 3h

ନବନିର୍ବାଚିତ ଉପରାଷ୍ଟ୍ରପତି ଶ୍ରୀ ସି. ପି. ରାଧାକୃଷ୍ଣନ୍ କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ଆପଣଙ୍କର ଗଭୀର ପ୍ରଶାସନିକ ଅଭିଜ୍ଞତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଗଭୀର ପ୍ରତିବଦ୍ଧତା ସଂସଦ ତଥା ଦେଶର ମର୍ଯ୍ୟାଦା ଓ ଗରିମାକୁ ବୃଦ୍ଧି କରିବ । ଏହି ମର୍ଯ୍ୟାଦାପୂର୍ଣ୍ଣ ପଦବୀରେ ଦେଶର ସେବା କରିବା ନିମନ୍ତେ ନିର୍ବାଚିତ

## ବ୍ରିକ୍ସ ସମ୍ମିଳନୀ

## ଯୋଗଦେଲେ ପ୍ରଧାନମନ୍ତ୍ରୀ, ମିଳିତ ହେଲେ ୩ ମହାଶକ୍ତି








**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩୧ ଅଗଷ୍ଟରୁ ୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଚୀନର ତିଆନଜିନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସସିଓ)ର ରାଷ୍ଟ୍ର ମୁଖ୍ୟମାନଙ୍କ ପରିଷଦର ପଞ୍ଚବିଂଶତମ ବୈଠକରେ ଅଂଶଗ୍ରହଣ କରିଛନ୍ତି । ଏହି ଶିଖର ସମ୍ମିଳନୀରେ ଏସସିଓ ବିକାଶ ରଣନୀତି, ବିଶ୍ୱ ଶାସନ ସଂସ୍କାର, ଆତଙ୍କବାଦ ବିରୋଧୀ ପ୍ରୟାସ, ଶାନ୍ତି ଓ ସୁରକ୍ଷା, ଆର୍ଥିକ ଓ ବିତ୍ତୀୟ ସହଯୋଗ ଏବଂ ନିରନ୍ତର ବିକାଶ ଉପରେ ଫଳପ୍ରଦ ଆଲୋଚନା ହୋଇଛି । ଶିଖର ସମ୍ମିଳନୀରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ଏସସିଓ ଢାଞ୍ଚା ଅଧୀନରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ଭାରତର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ, ସେ ଉଲ୍ଲେଖ କରିଥିଲେ ଯେ ଭାରତ ତିନୋଟି ସ୍ତମ୍ଭ – ସୁରକ୍ଷା, ସମ୍ପର୍କ ଏବଂ ସୁଯୋଗ ଅଧୀନରେ ବ୍ୟାପକ କାର୍ଯ୍ୟ କରିବାକୁ ଚାହୁଁଛି । ଶାନ୍ତି, ସୁରକ୍ଷା ଓ ସ୍ଥିରତାକୁ ପ୍ରଗତି ଓ ସମୃଦ୍ଧିର ଆଧାର ରୂପେ ଅଭିହିତ କରି, ସେ ସଦସ୍ୟ ଦେଶଗୁଡ଼ିକୁ ଆତଙ୍କବାଦର ସମସ୍ତ ସ୍ୱରୂପକୁ ମୁକାବିଲା କରିବା ପାଇଁ ଦୃଢ଼ ଓ ନିର୍ଣ୍ଣାୟକ ପଦକ୍ଷେପ ନେବାକୁ ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀ ଆତଙ୍କବାଦକୁ ପାଣ୍ଠି ଯୋଗାଣ ଏବଂ ମୌଳବାଦ ବିରୋଧରେ ମିଳିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପହଲଗାମ *(ପୃଷ୍ଠା-୬)*

## ଐତିହାସିକ ନିଷ୍ପତ୍ତି

## ଜିଏସ୍‌ଟିରେ ବଡ଼ ପରିବର୍ତ୍ତନ




**ନୂଆଦିଲ୍ଲୀ:** ନୂଆଦିଲ୍ଲୀରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ ଐତିହାସିକ ନିଷ୍ପତ୍ତି ନିଆଯାଇଛି । ସାଧାରଣ ଜନତା ଓ ମଧ୍ୟବିତ୍ତ ପରିବାରର ଆର୍ଥିକ ବୋଝ ଲାଘବ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଚାରିଥାକିଆ ଜିଏସ୍‌ଟି ଢାଞ୍ଚାକୁ ଦୁଇଥାକିଆ କରିଛନ୍ତି । କେବଳ ୫ ପ୍ରତିଶତ ଓ ୧୮ ପ୍ରତିଶତ ଜିଏସ୍‌ଟି ସ୍ଲାବ୍‌କୁ ରଖାଯାଇଥିବା ବେଳେ ୧୨ ପ୍ରତିଶତ ଓ ୨୮ ପ୍ରତିଶତ ସ୍ଲାବ୍‌କୁ ଉଚ୍ଛେଦ କରାଯାଇଛି । ଏଥିସହିତ ୪୦ ପ୍ରତିଶତର ଏକ ନୂଆ ସ୍ଲାବ୍ ଲାଗୁ କରାଯାଇଛି, ଯାହା ହାନିକାରକ ପଦାର୍ଥ ଓ ଅତି ବିଳାସପୂର୍ଣ୍ଣ ସାମଗ୍ରୀଗୁଡ଼ିକ ଉପରେ ଲାଗୁ କରାଯିବ । ନୂଆ ଜିଏସ୍‌ଟି ସ୍ଲାବ୍ ଚଳିତ ବର୍ଷ ନବରାତ୍ରିର ପ୍ରଥମ ଦିନ ସେପ୍ଟେମ୍ବର ୨୨ରୁ ଲାଗୁ ହେବ । ଜିଏସ୍‌ଟି ସ୍ଲାବ୍ କମ୍ ହେବାରୁ ରାଜ୍ୟଗୁଡ଼ିକ ସହିବାକୁ ଥିବା କ୍ଷତି ଭରଣା ପାଇଁ ପାଣ୍ଠି ସଂଗ୍ରହ ନିମନ୍ତେ ତମାଖୁ ଦ୍ରବ୍ୟ ଉପରେ ପୂର୍ବଭଳି ୨୮ ପ୍ରତିଶତ ଜିଏସ୍‌ଟି ଓ ସେସ୍ ବଳବତ୍ତର ରହିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୂଚନା ଦେଇଛନ୍ତି । ଜିଏସ୍‌ଟି ହ୍ରାସ ଦ୍ୱାରା ଦେଶର ଚାଷୀ, ସାଧାରଣ ଜନତା, ମଧ୍ୟବିତ୍ତ ପରିବାର, ଶ୍ରମ ସମ୍ବେଦନଶୀଳ କ୍ଷେତ୍ର, ସ୍ୱାସ୍ଥ୍ୟ, ଶିକ୍ଷା, ଅଟୋମୋବାଇଲ୍ ଓ ଇଲେକ୍ଟ୍ରୋନିକ୍ସ ଆପ୍ଲାଏନ୍‌ସେସ୍ କ୍ଷେତ୍ର ଉପକୃତ ହେବେ ।

## ନେପାଳରେ ମହାସଙ୍କଟ ଇସ୍ତଫା ଦେଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ସୋମବାର ଆରମ୍ଭ ହୋଇଥିବା ଜେନ୍-ଜି ବିପ୍ଳବ ଦ୍ୱିତୀୟ ଦିନ ମଧ୍ୟ ଜାରି ରହିଛି । ସରକାର ସୋସିଆଲ ମିଡିଆ ଉପରୁ ପ୍ରତିବନ୍ଧକ ହଟାଇସାରିଥିଲେ ବି କାଠମାଣ୍ଡୁର ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ସରକାରଙ୍କ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ବିରୋଧରେ ଆରମ୍ଭ ହୋଇଥିବା ହିଂସାତ୍ମକ ପ୍ରତିବାଦ ତୀବ୍ର ହେବା ପରେ ମଙ୍ଗଳବାର ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଇସ୍ତଫା ଦେଇଛନ୍ତି । ତାଙ୍କ ସହଯୋଗୀ ପ୍ରକାଶ ସିଲୱାଲ ଏହା ନିଶ୍ଚିତ କରିଛନ୍ତି ।ତାଙ୍କ ଇସ୍ତଫା ପତ୍ରରେ ଓଲି ଲେଖିଛନ୍ତି ଯେ 'ସମସ୍ୟାର ସମାଧାନକୁ ସହଜ କରିବା ଏବଂ ଏହାକୁ ରାଜନୈତିକ ଭାବରେ ସମାଧାନ କରିବାରେ ସାହାଯ୍ୟ କରିବା ପାଇଁ ମୁଁ ଇସ୍ତଫା ଦେଉଛି ।' ନେପାଳରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରୁ ପ୍ରତିବନ୍ଧକ ଉଠାଇବା ପାଇଁ ଘୋଷଣା କରାଯିବା ସତ୍ତ୍ୱେ ଦ୍ୱିତୀୟ ଦିନ ମଧ୍ୟ ବିରୋଧ ପ୍ରଦର୍ଶନ ଜାରି ରହିଛି । ସୋମବାର ୨୦ଜଣଙ୍କ ମୃତ୍ୟୁ ଏବଂ ୨୫୦ରୁ ଅଧିକ ଆହତ ହେବା ପରେ ପ୍ରଦର୍ଶନକାରୀମାନେ ଓଲିଙ୍କ ଇସ୍ତଫା ଏବଂ ସରକାର ଭାଙ୍ଗିବା ପାଇଁ ଦାବି କରିଥିଲେ । ଇସ୍ତଫା ଦେବାର କିଛି ଘଣ୍ଟା ପୂର୍ବରୁ, ଓଲି ପ୍ରତିବାଦକାରୀମାନଙ୍କୁ ଶାନ୍ତି ବଜାୟ ରଖିବାକୁ ଏବଂ ସଂଯମତା ଅବଲମ୍ବନ କରିବାକୁ ନିବେଦନ କରିଥିଲେ । ଏହା ସହ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଆହ୍ୱାନ ଦେଇଥିଲେ । ସେ ସଙ୍କଟର ସମାଧାନ ପାଇଁ ସନ୍ଧ୍ୟା ୬ଟାରେ ସର୍ବଦଳୀୟ ବୈଠକ କରିବାକୁ ମଧ୍ୟ ଘୋଷଣା କରିଥିଲେ । ହେଲେ ଏହା ପୂର୍ବରୁ ହିଂସା ବଢୁଥିବା ଦେଖି ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ନେପାଳ ସେନା ମୁଖ୍ୟ ଜେନେରାଲ ଅଶୋକ ରାଜ ସିଗଡେଲଙ୍କ ସହ କଥା ହୋଇଥିଲେ ।



## ବନ୍ୟା ଅଂଚଳ ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀ

**ପଞ୍ଜାବର ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ୧୬୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା**





**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୯ ସେପ୍ଟେମ୍ବର ୨୦୨୫ରେ ପଞ୍ଜାବ ଗସ୍ତ କରିଥିଲେ ଏବଂ ବନ୍ୟା ପରିସ୍ଥିତି ଏବଂ ପଞ୍ଜାବର ପ୍ରଭାବିତ ଅଞ୍ଚଳରେ ବାଦଲଫାଟିବା ଏବଂ ପ୍ରବଳ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଆକାଶ ମାର୍ଗରେ ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳର ସର୍ଭେ କରିଥିଲେ । ପରେ, ସେ ଗୁରୁଦାସପୁରରେ ଅଧିକାରୀ ଏବଂ ନିର୍ବାଚିତ ଜନପ୍ରତିନିଧିମାନଙ୍କ ସହିତ ଏକ ସରକାରୀ ସମୀକ୍ଷା ବୈଠକ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ରିଲିଫ୍ ଏବଂ ପୁନର୍ବାସ ପଦକ୍ଷେପର ସମୀକ୍ଷା କରିଥିଲେ ଏବଂ ପଞ୍ଜାବରେ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ମଧ୍ୟ ମୂଲ୍ୟାଙ୍କନ କରିଥିଲେ । ପ୍ରଧାନମନ୍ତ୍ରୀ ରାଜ୍ୟ ପାଖରେ ପୂର୍ବରୁ ଥିବା ୧୨,୦୦୦ କୋଟି ଟଙ୍କା ବ୍ୟତୀତ ପଞ୍ଜାବ ପାଇଁ ଅତିରିକ୍ତ ୧୬୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଥିଲେ । ଏହା ସହଏସଡିଆରଏଫ ଏବଂ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ଦ୍ୱିତୀୟ କିସ୍ତି ଆଗୁଆ ଜାରି କରାଯିବ । ପ୍ରଧାନମନ୍ତ୍ରୀ ସମଗ୍ର ଅଞ୍ଚଳ ଏବଂ ଏହାର ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଏକ ବହୁମୁଖୀ ପଦ୍ଧତି ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଘର ପୁନଃନିର୍ମାଣ, ଜାତୀୟ ରାଜପଥର ନବୀକରଣ, ବିଦ୍ୟାଳୟଗୁଡ଼ିକର ପୁନଃନିର୍ମାଣ, ପିଏମଏନଆରଏଫ ମାଧ୍ୟମରେ ରିଲିଫ୍ ପ୍ରଦାନ ଏବଂ ପଶୁମାନଙ୍କ ପାଇଁ ମିନି କିଟ୍ ବଣ୍ଟନ ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ ହେବ । କୃଷକ ସମାଜକୁ ସହାୟତା ପ୍ରଦାନ କରିବାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ଅନୁଭବ କରି, ବିଶେଷକରି ସେହି ଚାଷୀମାନଙ୍କୁ ଅତିରିକ୍ତ ସହାୟତା ପ୍ରଦାନ କରାଯିବ ଯେଉଁମାନଙ୍କର ବର୍ତ୍ତମାନ ବିଦ୍ୟୁତ ସଂଯୋଗ ନାହିଁ । ଯେଉଁ ବୋରୱେଲଗୁଡ଼ିକ ପୋତି ହୋଇଯାଇଛି କିମ୍ବା ଧୋଇ ଯାଇଛି, ରାଜ୍ୟ ସରକାରଙ୍କ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଅନୁଯାୟୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅଧୀନରେ ପ୍ରକଳ୍ପ ଆଧାରରେ ସେଗୁଡ଼ିକୁ ମରାମତି କରିବାକୁ ସହାୟତା

# କୋଟି କୋଟି ଶ୍ରୀଜଗନ୍ନାଥ ପ୍ରେମୀଙ୍କ ଧର୍ମୀୟ ଭାବନାକୁ କୁଠାରଘାତ କରୁଛି ଇସ୍କନ୍ !

**ପୁରୀ:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖନିସୃତ ନିର୍ଦ୍ଦେଶ, ପବିତ୍ର ଶାସ୍ତ୍ର ତଥା ମହର୍ଷି ବେଦବ୍ୟାସଙ୍କ ରଚିତ ପୁରାଣ ତଥା ଅନନ୍ତକାଳରୁ ପ୍ରତିଷ୍ଠିତ ପରମ୍ପରାକୁ ଅନୁପାଳନ କରି ମୂଳପୀଠ ଶ୍ରୀମନ୍ଦିରରେ ଜ୍ୟୈଷ୍ଠ ପୂର୍ଣ୍ଣିମା ତିଥିରେ ମହାପ୍ରଭୁଙ୍କ ଆଦ୍ୟ ଆବିର୍ଭାବ ବା ଜନ୍ମତିଥ୍ୟରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଆସୁଛି । ସେହିପରି ଚତୁର୍ଦ୍ଧା ଦାରୁବିଗ୍ରହ ନିଜ ଜନ୍ମସ୍ଥାନ ବା ଶ୍ରୀଗୁଣ୍ଡିଚା ମନ୍ଦିରକୁ ରଥରେ କରୁଥିବା ଯାତ୍ରାକୁ ରଥଯାତ୍ରା ଭାବେ ପାଳନ କରାଯାଉଥିବା ବେଳେ ଏହି ନବଦିନାତ୍ମକ ଯାତ୍ରା ଅନାଦି କାଳରୁ କେବଳ ଆଷାଢ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥ୍ୟରେ ଅନୁଷ୍ଠିତ ହୋଇଆସୁଅଛି । କିଛି ଦଶନ୍ଧି ହେଲା ଏହା ଲକ୍ଷ୍ୟ ରାଯାଉଛି ଯେ, ଉପରୋକ୍ତ ଶାସ୍ତ୍ର ସମ୍ମତ ତିଥ୍ ତଥା ପରମ୍ପରା ଉଲଂଘନ କରି ଇସ୍କନ ପକ୍ଷରୁ ଦେଶ ତଥା ବିଦେଶରେ ଏହାର ବିଭିନ୍ନ ମନ୍ଦିରରେ ସ୍ନାନଯାତ୍ରା ଏବଂ ରଥଯାତ୍ରାର ଆୟୋଜନ କରାଯାଉଛି ।



ଏସମ୍ପର୍କରେ ଦୀର୍ଘ ବର୍ଷ ଧରି ଶ୍ରୀମନ୍ଦିର ପ୍ରଶାସନ ତଥା ଏହାର ପରିଚାଳନା କମିଟିର ଅଧ୍ୟକ୍ଷ, ଗଜପତି ମହାରାଜାଙ୍କ ପକ୍ଷରୁ ଆପତ୍ତି ଉଠାଯିବା ସହ ଏଥିରୁ ବିରତ ରହିବାକୁ ଇସ୍କନ କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ସ୍ତରରେ ଆଲୋଚନା ହୋଇଆସୁଥିବା ବେଳେ ଗତ ୨୦୨୧ ମସିହା ଜୁଲାଇ ୨୧ ତାରିଖରେ ଇସ୍କନ ଗଭର୍ଣ୍ଣିଂ କାଉନସିଲ୍ (ବ୍ୟୁରୋ), ମୁମ୍ବାଇ ପକ୍ଷରୁ ଶାସ୍ତ୍ର ତଥା ପରମ୍ପରା ଅନୁସାରେ ଭାରତରେ ଥିବା ସମସ୍ତ ଇସ୍କନ ମନ୍ଦିରରେ ରଥଯାତ୍ରା ନୀତି ଅନୁପାଳନ କରିବାକୁ ବିବଦ୍ଧ ନିଷ୍ପତ୍ତି ନିଆଯାଇଥିଲା । ତେବେ ବିଦେଶରେ ରଥଯାତ୍ରା ପାଳନ ସମ୍ପର୍କରେ ଇସ୍କନର ଅନ୍ତର୍ଜାତୀୟ ମହକୁମା ( ଗଭର୍ଣ୍ଣିଂ ବଡ଼ି କମିସନ୍), ମାୟାପୁର, ପଶ୍ଚିମବଙ୍ଗ ନିଷ୍ପତ୍ତି ନେବେ ବୋଲି ସେତେବେଳେ କୁହାଯାଇଥିଲା । ତଦନୁସାରେ, ଏନେଇ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଇସ୍କନର ଅନ୍ତର୍ଜାତୀୟ ମହକୁମାଙ୍କୁ ମଧ୍ୟ ଗଜପତି ମହାରାଜାଙ୍କ ପକ୍ଷରୁ ବାରମ୍ବାର

**ପରମ୍ପରା ବିରୋଧୀ ଇସ୍କନର ଏହି କାର୍ଯ୍ୟକୁ ଘୋର ନିନ୍ଦା କରିଛନ୍ତି ପରମପୂଜ୍ୟ ଶ୍ରୀମଦ୍ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ**

ବାର୍ତ୍ତା ପ୍ରେରଣ କରାଯାଇଛି । ଗତ ୨୦୨୪ ମସିହା ଡିସେମ୍ବର ୨ ତାରିଖ ଦିନ ପୁରୀଠାରେ ଅନୁଷ୍ଠିତ ବୈଠକରେ, ଶ୍ରୀ ଗଜପତି ମହାରାଜ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବ୍ୟକ୍ତିଗତ ଭାବେ ଇସ୍କନର ଗଭର୍ଣ୍ଣିଂ ବଡି କମିସନର ଅଧ୍ୟକ୍ଷଙ୍କୁ ଆଗ୍ରହ ତଥା ଅନୁରୋଧ କରିଥିଲେ ଯେ, ଦେଶ ତଥା ବିଦେଶରେ ଇସ୍କନର ସମସ୍ତ ମନ୍ଦିରଗୁଡିକରେ ଶାସ୍ତ୍ର ତଥା ପରମ୍ପରା ଅନୁସାରେ ସ୍ନାନଯାତ୍ରା ଏବଂ ରଥଯାତ୍ରା ବିଧି ଅନୁପାଳିତ ହେଉ । ସେହି ବୈଠକରେ ଇସ୍କନ ଅକ୍ଷକ ପ୍ରସ୍ତାବ ଅନୁସାରେ, ପରବର୍ତ୍ତୀ ସମୟରେ ୨୦୨୫ ମସିହା ମାର୍ଚ୍ଚ ୨୦ ତାରିଖ ଦିନ, ଭୁବନେଶ୍ୱରରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରତିନିଧି କରୁଥିବା ଶାସ୍ତ୍ରଜ୍ଞ ତଥା ଗବେଷକ ଏବଂ ଇସ୍କନର ଶାସ୍ତ୍ରଜ୍ଞମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସେହି ବୈଠକ ଏବଂ ପରେ ଇସ୍କନ ପକ୍ଷରୁ ଦାଖଲ ହୋଇଥିବା ଦସ୍ତାବିଜକୁ ବିସ୍ତୃତ ଭାବେ ଅନୁଶୀଳନ କରିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରତିନିଧି କରୁଥିବା ଶାସ୍ତ୍ରଜ୍ଞ ତଥା ଗବେଷକମାନେ ଏହି ସିଦ୍ଧାନ୍ତରେ ଉପନୀତିହୋଇଅଛନ୍ତି ଯେ, ଭିନ୍ନ ତିଥି ବା ବର୍ଷର ଯେକୌଣସି ତିଥ୍ୟରେ ଇସ୍କନ ପକ୍ଷରୁ ସ୍ନାନଯାତ୍ରା କିମ୍ବା ରଥଯାତ୍ରା ପାଳନ ନେଇ ଦାଖଲ ହୋଇଥିବା ଯୁକ୍ତିଗୁଡିକ ଅମୂଳକ, ଭୁଲ୍ ଏବଂ ଶାସ୍ତ୍ର ତଥା ପରମ୍ପରା ବିରୋଧୀ । ଶାସ୍ତ୍ରଜ୍ଞ ତଥା ଗବେଷକମାନେ ଦାଖଲ କରିଥିବା ବିସ୍ତୃତ ସନ୍ଦର୍ଭ ସେପଟେମ୍ବର ୩ ତାରିଖ ଦିନ ଅନୁଷ୍ଠିତ *(ପୃଷ୍ଠା-୬)*

## ଓଡ଼ିଶାର ୨ଶିକ୍ଷକଙ୍କୁ ଜାତୀୟ ପୁରସ୍କାର




**ଭୁବନେଶ୍ୱର:** ଶିକ୍ଷା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ଦେଶର ୮୧ ଜଣ ଆଦର୍ଶ ଶିକ୍ଷକଙ୍କୁ ଗୁରୁ ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ଜାତୀୟ ଶିକ୍ଷକ ପୁରସ୍କାର' ପ୍ରଦାନ କରିଛନ୍ତି । ଏହି ଅବସରରେ ଓଡ଼ିଶାର ଦୁଇଜଣ ଆଦର୍ଶ ଶିକ୍ଷକ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ହାତରୁ ପୁରସ୍କାର ଗ୍ରହଣ କରିଛନ୍ତି । କୋରାପୁଟ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାଶଙ୍କୁ ଅଭିନବ ଶିକ୍ଷାଦାନ ପଦ୍ଧତି ଓ ଭାଷା ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ପୁରସ୍କୃତ କରାଯାଇଛି । ମିଲେଟ୍ କ୍ରାନ୍ତି ଅଭିଯାନର ନେତୃତ୍ୱ ନେଇ ସେ ନିଜ ବିଦ୍ୟାଳୟରେ ଶ୍ରୀଅନ୍ନ ଜାତୀୟ ଖାଦ୍ୟ ପରଷି ଦେବାରେ ଅଗ୍ରଣୀ ଭୂମିକା ନେଇଛନ୍ତି । ସେହିପରି ମାଲକାନଗିରି କୋଣ୍ଡେଲ ସରକାରୀ ନୋଡାଲ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣାଙ୍କୁ ଏହି ସୌଭାଗ୍ୟ ମିଳିଛି ।

# ବିଶ୍ୱନିୟନ୍ତାଙ୍କ ରଥସେବା ସମ୍ମାନ

**ସମ୍ବର୍ଦ୍ଧିତ ହେଲେ ବାଡଗ୍ରାହୀ, ବିଭିନ୍ନ ନିଯୋଗର ସଭାପତି ଓ ସମ୍ପାଦକ, ବିଶ୍ୱକର୍ମା, ପ୍ରଶାସକ**

**ଆଗାମୀ ବର୍ଷ ସରକାରଙ୍କ ସହଯୋଗରେ ହେବ ରଥସେବା ସମ୍ମାନ: ଡ. ସମ୍ବିତ ପାତ୍ର**




**ପୁରୀ:** ଠାକୁରଙ୍କ ସଫଳ ରଥଯାତ୍ରା ପରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ବିଶ୍ୱନିୟନ୍ତାଙ୍କ ରଥସେବା ସମ୍ମାନ -୨୦୨୫ ଏକ ଅଭିନବ ଓ ସ୍ୱାଗତଯୋଗ୍ୟ ପ୍ରୟାସ ବୋଲି କହିଛନ୍ତି ସାଂସଦ ସମ୍ବିତ ପାତ୍ର।ଅନୁଷ୍ଠାନ ପକ୍ଷରୁ ପୁରୀ ଟାଉନ୍ ହଲ୍ ଠାରେ କାର୍ଯ୍ୟକ୍ରମ କୁ ଉଦଘାଟନ କରି ସେ କହିଥିଲେ ଯେ ଶ୍ରୀଜଗନ୍ନାଥ ମନ୍ଦିର ର ବିକାଶ ଓ ସୁରକ୍ଷା ସହ ଜଗନ୍ନାଥ ସଂସ୍କୃତି ର ସମୃଦ୍ଧି ପାଇଁ ସରକାର ସଂକଳ୍ପବଦ୍ଧ। ରଥଯାତ୍ରା ରେ ସଂପୃକ୍ତ ସେବକ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଏପରିକି ପ୍ରତିଟି ଭକ୍ତ ହିଁ ଜଣେ ଜଣେ ଜଗନ୍ନାଥ।କାରଣ ଠାକୁରଙ୍କ ଇଛା ରେ ସୃଷ୍ଟି ହୁଏ। ବେଦ, ଉପନିଷଦ ଠାରୁ ଗୀତା ପର୍ଯ୍ୟନ୍ତ ସବୁଥିରେ ଠାକୁର କହିଛନ୍ତି-କରି କରାଉଥାଏ ମୁହିଁ- ମୋ ବିନୁ ଅନ୍ୟ ଗତି ନାହିଁ। ତେବେ ଖୁବ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ, ଆଗାମୀ ବର୍ଷ ଠାରୁ ରାଜ୍ୟ ସରକାରଙ୍କ ସହଯୋଗ ରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ରଥସେବା ସମ୍ମାନ ଉତ୍ସବ ହେବ ବୋଲି ସାଂସଦ ଶ୍ରୀପାତ୍ର କହିଥିଲେ। ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତା ଓ ସଂପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନା ରେ ଅନୁଷ୍ଠିତ ହୋଇଥିବା ବେଳେ, କାର୍ଯ୍ୟକ୍ରମ ରେ ବିଶିଷ୍ଟ ଅତିଥି ଭାବେ ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଥିଲେ ଯେ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ନୀରବ ରହୁଥିବା ବେଳେ ଦୀର୍ଘ ପାଞ୍ଚ ବର୍ଷ ଧରି ଏକ ବେସରକାରୀ ସଂସ୍ଥା , ବିଶ୍ୱନିୟନ୍ତାଙ୍କ ରଥସେବକ ମାନଙ୍କୁ ସେବା ସମ୍ମାନ ଦେବା କମ୍ କଥା ନୁହେଁ। ଏହି କାର୍ଯ୍ୟକ୍ରମ କୁ ସମଗ୍ର ଭାରତବର୍ଷରେ ପ୍ରସାରିତ କରିବାକୁ ସାଂସଦ ଭାବେ ଉଦ୍ୟମ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅନ୍ୟତମ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର ଓ ବିଶିଷ୍ଟ ସେବାୟତ ମଧୁସୂଦନ ସିଂହାରୀ ଯୋଗଦେଇଥିଲେ।ପ୍ରାରମ୍ଭ ରେ ଗୀତିକାର , କଥାକାର ତଥା ପରାମର୍ଶଦାତା ଡକ୍ଟର ବଦ୍ରି ମିଶ୍ର, ସ୍ୱାଗତ ଓ ପରିଚୟ ପ୍ରଦାନ କରିବା ପରେ ,ଡଃ ପ୍ରଦ୍ୟୁମ୍ନ କୁମାର ସାଥୁଆ,ଭରତ କୁମାର ନାୟକ, ସତ୍ୟବ୍ରତ ଦାସ, ନାରାୟଣ ପାତ୍ର, ବିଦ୍ରୋହ କେଶରୀ ସିଂ, ଦେବେନ୍ଦ୍ର ପ୍ରସାଦ ମହାପାତ୍ର, ସୌମ୍ୟରଞ୍ଜନ ମିଶ୍ର ଓ ସୂଚନା -ପ୍ରଯୁକ୍ତିବିଦ୍ୟା ସଂପାଦକ ରିତେଶ କୁମାର ମହାନ୍ତିଙ୍କ ସଞ୍ଚାଳନ ରେ ରଥଯାତ୍ରା ସଫଳତା ପାଇଁ ରାଜଗୁରୁ ,ଶ୍ରୀମନ୍ଦିର ପୁରୋହିତ,ପତି ମହାପାତ୍ର ,ମଠାଧୀଶ, ମୁକ୍ତିମଣ୍ଡପ ସଭା,, ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ର ସମସ୍ତ ଅଧିକାରୀ,ଛତିଶା ନିଯୋଗ ନାୟକ ପାଟ୍ଟଯୋଶୀ ଜନାର୍ଦ୍ଦନ ମହାପାତ୍ର,ଚାରି ଠାକୁରଙ୍କ ବାଡଗ୍ରାହୀ, , ଦଇତା ନିଯୋଗ, ପୁଷ୍ପାଳକ ନିଯୋଗ,ସୁଆର -ମହାସୁଆର ନିଯୋଗ,ଜଗନ୍ନାଥ ପୂଜାପଣ୍ଡା ସାମନ୍ତ,ମାଧବ ପୂଜାପଣ୍ଡା ସାମନ୍ତ,ଛତିଶା ନିଯୋଗ ର ସମସ୍ତ ସଭାପତି -ସଂପାଦକ,ରଥ ନିର୍ମାଣ ର ସମସ୍ତ ବିଶ୍ୱକର୍ମା, ଅନବସର ସମୟର ସେବକ,ରଥ ସର୍ଦ୍ଦାର,ରଥଭୋଇ, ଚିତ୍ରକର,କମାର ସେବକଙ୍କ ସମେତ ମାଉସୀ ମାଆଙ୍କ ସେବକ ବିଶ୍ୱନାଥ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଚନ୍ଦ୍ରବିଜୟୀ ମିଶ୍ର, ଡକ୍ଟର ବିଶ୍ୱନାଥ ମିଶ୍ର, ଶ୍ୟାମପ୍ରକାଶ ସେନାପତି ଓ ଶିବ ସୁନ୍ଦର ମିଶ୍ର। ଧନ୍ୟବାଦ ଦେଇଥିଲେ ଉପସଭାପତି ଭରତ ନାୟକ।

## ଅତିଥିମାନଙ୍କୁ ସମ୍ବର୍ଦ୍ଧନା



ଡ. ସମ୍ବିତ୍ ପାତ୍ର | ସୁଭାଷିଶ ଖୁଣ୍ଟିଆ | ଜୟନ୍ତ କୁମାର ଷଡ଼ଙ୍ଗୀ | ରାମଚନ୍ଦ୍ର ଦାସମହାପାତ୍ର | ମଧୁସୂଦନ ସିଂହାରୀ | ପ୍ରଫେସର ପ୍ରଭାତ କୁମାର ମହାପାତ୍ର

## ଶ୍ରୀମନ୍ଦିର ସେବାୟତ ଓ ଅନ୍ୟାନ୍ୟ ସେବା ପାଇଁ ସେବକମାନଙ୍କୁ ସମ୍ବର୍ଦ୍ଧନା



ରାମଚନ୍ଦ୍ର ଦାସମହାପାତ୍ର | ଡ. ସିଦ୍ଧେଶ୍ୱର ମହାପାତ୍ର | ଜଗନ୍ନାଥ ପୂଜାପଣ୍ଡାସାମନ୍ତ | ମାଧବ ଚନ୍ଦ୍ର ପୂଜାପଣ୍ଡାସାମନ୍ତ | ରବି ନାରାୟଣ ଦାସ | ବିଶ୍ୱନାଥ ସାମନ୍ତରା | ଆଦିତ୍ୟ ହୃଦୟ ମିଶ୍ର | ରୁଦ୍ର ନନ୍ଦନ ମିଶ୍ର | ଗିରିଶ ଚନ୍ଦ୍ର ନାୟକ | ଯୋଗେନ୍ଦ୍ର ନାୟକ | ରାମକୃଷ୍ଣ ଦାସମହାରାଜ | ବିଶ୍ୱନାଥ ମିଶ୍ର

## ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନଙ୍କୁ ସମ୍ବର୍ଦ୍ଧନା



ସୌମେନ୍ଦ୍ର ପ୍ରିୟଦର୍ଶୀ | ଡ. ସାର୍ଥକ ଷଡ଼ଙ୍ଗୀ | ପିନାକ ମିଶ୍ର | ପ୍ରଦୀକ କୁମାର ସାହୁ | ବିନୟ କୁମାର ଦାସ | ଶରତ ଚନ୍ଦ୍ର ବେହେରା | ନୀଳମାଧବ ଭୋଇ | ପ୍ରିୟରଂଜନ ପୃଷ୍ଟି | ଅଭିମନ୍ୟୁ ବେହେରା | ରାଜକିଶୋର ଜେନା | ମଗରଧନା ଜୀ ରାଓସ | କ୍ଷମା ଷଡ଼ଙ୍ଗୀ



ସଚିନ୍ ପଟେଲ୍ | ପ୍ରଶାନ୍ତ କୁମାର ସାହୁ | ଇଂ. ରଶ୍ମିରଞ୍ଜନ ସାହୁ | ସନ୍ତୋଷ କୁମାର ସେଠୀ | ସରୋଜକାନ୍ତ ପ୍ରଧାନ | ସନ୍ତୋଷ କୁମାର ପାଣିଗ୍ରାହୀ | ଇଂ. ସୌମ୍ୟରଂଜନ ଦ୍ୱିବେଦୀ | ସ୍ମୃତିରଂଜନ ସ୍ୱାଇଁ | ଚନ୍ଦନ କୁମାର ସାହୁ | ହେମନ୍ତ କୁମାର ବେହେରା | ରବୀନ ପଟ୍ଟନାୟକ | ରାଜେଶ କୁମାର ମହାପାତ୍ର



ମନୋଜ କୁମାର ତ୍ରିପାଠୀ | ମାନସ ରଂଜନ ଚକ୍ର | ସୁଶାନ୍ତ କୁମାର ସାହୁ | ଜୟଦୀପ ମହାନ୍ତି | ସଙ୍ଗିତା ଦାଶ | ଶ୍ୱେତପଦ୍ମା ଦାଶ | ଯୋଗେଶ ଚନ୍ଦ୍ର ସ୍ୱାଇଁ | ବିକ୍ରମ କେଶରୀ ଜେନା | ସୌମେନ୍ଦ୍ର ଶେଖର ତ୍ରିପାଠୀ | ଭୁବନ ମୋହନ ସାମନ୍ତରାୟ | ବିଜୟ କେତନ ବେହେରା | ଶିବନାରାୟଣ ରାଉତ



ଅଶୋକ କୁମାର ମିଶ୍ର | ଦୀପକ ଗଡ଼ନାୟକ | ବିଜୟ କୁମାର ନନ୍ଦ | ତନୟ କୁମାର ଦାସ | ଲକ୍ଷ୍ମୀଧର ମହାରଣା | ଜ୍ୟୋତିର୍ମୟ ବରାଳ | ସୁନୀଲ କୁମାର ଦାଶ | ବିଶ୍ରାମ କେଶରୀ ପଟ୍ଟନାୟକ | ଦୁଷ୍ମନ୍ତ ସାହୁ

## ରଥ ବିଶ୍ୱକର୍ମାମାନଙ୍କୁ ସମ୍ବର୍ଦ୍ଧନା



ସୁଦର୍ଶନ ମେକାପ | ଲକ୍ଷ୍ମଣ ମହାରଣା | ନାରାୟଣ ମହାରଣା | ନୃସିଂହ ମହାପାତ୍ର | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ଦେବଦତ୍ତ ମହାରଣା | ରାଜେନ୍ଦ୍ର ମହାପାତ୍ର | ପ୍ରକାଶ ମହାପାତ୍ର | କେଦାର ମହାରଣା | ରବି ଭୋଇ | କାର୍ତ୍ତିକ ଭୋଇ | ଆଲୋକ କୁମାର ଭୋଇ

## 'ଦଧିନଉତି' ର ସମୀକ୍ଷା ଆସର



**ପୁରୀ:** ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ତଥା କବି ଶ୍ୟାମ ପ୍ରକାଶ ସେନାପତି ଙ୍କର କବିତା ପୁସ୍ତକ 'ଦଧିନଉତି' ର ସମୀକ୍ଷା ଆସର ବଡ଼ଦାଣ୍ଡ ସ୍ଥିତ ସେନାପତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ ଲୋକସେବକ ମଣ୍ଡଳ ଦିଲ୍ଲୀ ଶାଖା ର ଉପାଧ୍ୟକ୍ଷ ଡଃ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, ସାହିତ୍ୟିକା ଗୀତାଞ୍ଜଳି ପୃଷ୍ଟି ଏବଂ ସାଂସ୍କୃତିକ ସଂଗଠକ ରାଜୀବ କୁମାର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇ ପୁସ୍ତକ ର ସମୀକ୍ଷା କରିଥିଲେ ଓ ଏହି ସଂକଳନରେ କବି ଜଗନ୍ନାଥ ଙ୍କୁ ଅନନ୍ତ,ମହାକାଳ, ଅଚିନ୍ତ୍ୟ, ଅବ୍ୟକ୍ତ ଓ ପୂର୍ଣ୍ଣ ପୁରୁଷ ଭାବରେ ପ୍ରକାଶ କରିଛନ୍ତି ଓ ଏହା ଜଗନ୍ନାଥ ବିଭୂତିର ଏକ ସମର୍ପିତ କାବ୍ୟିକ ପରିପ୍ରକାଶ ଏବଂ ଶ୍ରୀଜଗନ୍ନାଥ ଚେତନାର ଏକ ବିମୁଗ୍ଧ କାବ୍ୟକଳ୍ପ ଓ ଏହି ସଂକଳନଟି କ୍ଷେତ୍ର ଓ କ୍ଷେତ୍ରପତି କ୍ରମରେ ଦୁଇ ଭାଗରେ ସଜ୍ଜିତ ହୋଇଛି ଓ ଏଥିରୁ ଦୟଣା, ତୁଳସୀର ବାସ୍ନା ଓ ମରୁଆ ର ମନ୍ଦଧ୍ୱନି ଅନୁଭବ କରିପାରିବେ ବୋଲି ସମୀକ୍ଷକ ମାନେ ପ୍ରକାଶ କରିବା ସହିତ ଦଧିନଉତି ଏକ ସାର୍ଥକ କବିତା ସଂକଳନ ବୋଲି ମତବ୍ୟକ୍ତ କରିଥିଲେ । କବି ଶ୍ରୀ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ପୁରୀରେ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ୩୬ତମ ବାର୍ଷିକ ଉତ୍ସବ ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ସୁରେନ୍ଦ୍ର ମିଶ୍ରଙ୍କୁ ଅତିବଡ଼ି ସମ୍ମାନରେ ସମ୍ମାନିତ କରୁଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜକିଶୋର ତ୍ରିପାଠୀ

## ଶ୍ରୀକ୍ଷେତ୍ରରେ ଗଣପତିଙ୍କ ଉପାସନା



ଅଶୋକ ବଜାର ଗଣପତି ସମିତି



ଶ୍ରୀ ଶ୍ରୀ ନୀଳଗିରି ଚାର ଗଣେଶ ଗୁରୁଜ ଜାଗା ପଞ୍ଚାୟତ



ବଳଗଣ୍ଡି ଗଣପତି ସଙ୍ଘ



ମୋତିଚାନ୍ଦ୍ ବଜାର ବିନାୟକ ସମିତି






# ଶିକ୍ଷକର ମୌଳିକ କର୍ତ୍ତବ୍ୟକୁ ଭୁଲନ୍ତୁ ନାହିଁ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର:** ୨୦୨୫ରେ ନିଯୁକ୍ତି ପାଇଥିବା ରାଜ୍ୟର ୧୩ ହଜାରରୁ ଅଧିକ ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରାଯାଇଥିବାରୁ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି। ଗୁରୁ ଦିବସ ଅବସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ କନିଷ୍ଠ ଶିକ୍ଷକ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ଅତିଥି ଭବନରେ ଭେଟି କୃତଜ୍ଞତା ଜଣାଇଥିଲେ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇ ସରକାର ବିଭିନ୍ନ ପଦକ୍ଷେପ ନେଉଥିବାରୁ ସଂଘ ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଛି। ଏହି ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ କଥା ହୋଇ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ଉପଦେଶ ଦେଇଥିଲେ।

# ଶିକ୍ଷା, ଦକ୍ଷତା, ଷ୍ଟାର୍ଟଅପ୍ କ୍ଷେତ୍ରରେ ଅଗ୍ରଣୀ ହେବ ଭାରତ: ଧର୍ମେନ୍ଦ୍ର



ଭୁବନେଶ୍ୱର: ଭାରତ ଓ ସିଙ୍ଗାପୁର ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜଭୁତ କରିବା ପାଇଁ ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କ ମଧ୍ୟରେ ଏକ ଫଳପ୍ରଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ଓ ସିଙ୍ଗାପୁରର ଦ୍ୱିପାକ୍ଷିକ ସହଯୋଗରେ ଶିକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ଏଥର ବିଶେଷ ହୋଇଛି। କାରଣ ଚଳିତବର୍ଷ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ଷାଠିଏ ବର୍ଷ ପୂରଣ ହୋଇଛି। ଆଜିର ବୈଠକରେ ସ୍କୁଲ ଶିକ୍ଷା, ଉଚ୍ଚଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ଗବେଷଣା, ନବସୃଜନ ଏବଂ ଉଦ୍ୟମିତା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ଚର୍ଚ୍ଚା ହୋଇଛି। ଶିକ୍ଷକଙ୍କ ଗବେଷଣା ଦକ୍ଷତା ଏବଂ କ୍ଷମତା ବୃଦ୍ଧି, ଦକ୍ଷତା ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ଉପରେ ମଧ୍ୟ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ଏବଂ ସମୃଦ୍ଧ ପରିବେଶ ପ୍ରଦାନ କରିବା ଉଦ୍ଦେଶ୍ୟରେ ଉଭୟ ଦେଶର ଉଚ୍ଚଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଅଧିକ ଷ୍ଟୁଡେଣ୍ଟ୍ ଏକ୍ସଚେଞ୍ଜକୁ ସୁଗମ କରିବା ପାଇଁ ଏକାଠି କାମ କରିବା ଦିଗରେ ସମ୍ମତି ପ୍ରକାଶ ପାଇଛି। ଶିକ୍ଷା, ଦକ୍ଷତା ବିକାଶ, ଷ୍ଟାର୍ଟଅପ୍ ଓ ଅଗ୍ରଣୀ ଗବେଷଣା କ୍ଷେତ୍ରରେ ଭାରତ - ସିଙ୍ଗାପୁର ସହଯୋଗକୁ ଉଚ୍ଚସ୍ତରକୁ ନେବା ଦିଗରେ ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ପ୍ରଚେଷ୍ଟାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି।

# ଓଡ଼ିଶାର ବୌଦ୍ଧିକ ଚିନ୍ତନକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାନ୍ତୁ ସାମ୍ବାଦିକ: କେନ୍ଦ୍ର ଶିକ୍ଷା ମନ୍ତ୍ରୀ



**ସମ୍ବଲପୁର:** ସାମ୍ବାଦିକମାନେ କେବଳ ରାଜନୀତି ଓ ଅପରାଧିକ ଘଟଣା ବିଷୟରେ ବିତର୍କ ନ କରି ଗୋଟିଏ ସମାଜର ବ୍ୟାପ୍ତିକୁ ପରିପ୍ରକାଶ କରିବା ଦରକାର। ଏହି କ୍ରମରେ ଓଡ଼ିଶା ସମେତ ଜାତୀୟସ୍ତରର ସାମ୍ବାଦିକମାନେ ମଧ୍ୟ ଓଡ଼ିଆ ସମାଜର ଗଭୀରତା, ବ୍ୟାପକତା ଓ ବୌଦ୍ଧିକ ଚିନ୍ତନ କ୍ଷମତାକୁ ଜାଣିବା ସହ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହି ସବୁ ବିଷୟକୁ ଜଣାଇବା ଦରକାର ବୋଲି ଶନିବାର ନୂଆଦିଲ୍ଲୀଠାରେ 'ପଲ୍ଲୀବାଣୀ ମିସନ୍?' ପକ୍ଷରୁ ଆୟୋଜିତ 'ଭାରତୀୟ ସାମ୍ବାଦିକତା ପୁରସ୍କାର-୨୦୨୫' ଏବଂ 'ଓଡ଼ିଶା ସାମ୍ବାଦିକତା ପୁରସ୍କାର-୨୦୨୫' ସମାରୋହରେ ଯୋଗ ଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।




ପୁରୀ ଜିଲ୍ଲାରେ ବିଦ୍ୟୁତ୍ ବିତରକ ଟାଟା ପାୱାର ବା ଟିପିସିଓଡିଏଲ୍ ଉପଭୋକ୍ତାଙ୍କୁ ଶୋଷଣ ନେଇ ଅଭିଯୋଗ ହୋଇଛି। ଗ୍ରାହକଙ୍କ ବିନା ଅନୁମତିରେ ବଳ ପୂର୍ବକ ସ୍ମାର୍ଟ ମିଟର ଲଗାଉଛି। ଏ ନେଇ ପୁରୀ ଓକିଲ ସଂଘ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଦାବିପତ୍ର ଦିଆଯାଇଛି।

# ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ



**ନୂଆପଡ଼ା:** ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ (୬୮)ଙ୍କ ସୋମବାର ଚେନ୍ନାଇର ଏମ୍‌ଜିଏମ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସ୍ୱର୍ଗତ ଢୋଲକିଆ ୪ ମାସ ହେଲା ଅସୁସ୍ଥ ଥିଲେ। ତାଙ୍କ କିଡ଼ନି ଓ ହୃତ୍‌ପିଣ୍ଡରେ ସମସ୍ୟା ଯୋଗୁ ତାଙ୍କୁ ଚେନ୍ନାଇର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗତ ୨୫ ତାରିଖରେ ତାଙ୍କ ହୃତ୍‌ପିଣ୍ଡ ପ୍ରତିରୋପଣ ହୋଇଥିଲା। ସେବେଠାରୁ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସୁଧୁରିଥିଲେ କିଡ଼ନି ପ୍ରତିରୋପଣର ଯୋଜନା ଥିଲା। ସୋମବାର ସକାଳ ୮ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ପତ୍ନୀ କଳ୍ପନା ଢୋଲକିଆ ଓ ପୁଅ ଜୟ ଢୋଲକିଆ ଅଛନ୍ତି। ସୂଚନାଯୋଗ୍ୟ, ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ସେ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

# ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବରେ ଶିକ୍ଷା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ




**ଭୁବନେଶ୍ୱର:** ପିଲାଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରନ୍ତୁ। ସେମାନଙ୍କୁ ନିଜ ଇଚ୍ଛାରେ ଉଡ଼ିବାକୁ ଦିଅନ୍ତୁ। ସ୍ୱପ୍ନ ଦେଖିବାକୁ ସୁଯୋଗ ମିଳୁ ଏବଂ ତାହାକୁ ପୂରଣ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଜଣେ ଜଣେ ଦିଗ୍‌ଦର୍ଶକ ଭାବେ କାମ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ, ଡ୍ରପ୍ ?ଆଉଟ୍ ହାରକୁ ଆଶାତୀତ ଭାବେ ହ୍ରାସ କରିବା ଏବଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଆମ ପାଇଁ ବଡ଼ ଆହ୍ୱାନ ପାଲଟିଛି। ଡ୍ରପ୍‌ଆଉଟ୍ ରୋକିବାକୁ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରିତ ସହ ପିଲାଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା ହୋଇଛି। ଜନଜାତି ବର୍ଗର ପିଲାଙ୍କୁ ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ ସହାୟତା ପ୍ରଦାନ କରାଯାଉଛି।





ପୁରୀରେ ସ୍ୱାୟତ ଶାସନ ଦିବସର ଅବ୍ୟବହିତ ପୂର୍ବରୁ ପୁରୀ ପୌରସଂସ୍ଥା ଦ୍ୱାରା ଆୟୋଜିତ ହୋଇଥିବା ପଥୋତ୍ସବରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ଏହାକୁ ହଜାର ହଜାର ଦର୍ଶକ ବିବିଧ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ।

# ରାଜ୍ୟରେ ଚାଲିବ ୬୦୦ ଇଲେକ୍ଟ୍ରି ବସ୍

## କେନ୍ଦ୍ର ଦେବ ୪୦୦, ରାଜ୍ୟ କିଣିବ ୨୦୦

**ଭୁବନେଶ୍ୱର:** ରାଜ୍ୟରେ ପରିବେଶ ଅନୁକୂଳ ଆଉ ୬୦୦ଟି ଇଲେକ୍ଟ୍ରି ବସ୍ ଚାଲିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଏହି ଘୋଷଣା କରିଛନ୍ତି। ମନ୍ତ୍ରୀ କହିଛନ୍ତି, ସାରା ଓଡ଼ିଶାରେ ପରିବେଶ ଅନୁକୂଳ ପରିବହନକୁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ରାଜ୍ୟରେ ଯାତ୍ରୀ ପରିବହନର ଆବଶ୍ୟକତା ପୂରଣ ପାଇଁ ୧ ହଜାର ବସ୍‌ର ଆବଶ୍ୟକତା ରହିଛି। ଏହି ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାର ୨୦୦ଟି ଇଲେକ୍ଟ୍ରି ବସ୍ କିଣିବାକୁ ଯାଉଛନ୍ତି। ଆଉ ୪୦୦ଟି ଇଲେକ୍ଟ୍ରି ବସ୍ କେନ୍ଦ୍ର ସରକାର ଯୋଗାଇ ଦେବେ। ପ୍ରଥମ ପର୍ଯ୍ୟାୟରେ ୨୫ଟି ଇଲେକ୍ଟ୍ରି ବସ୍ ସମ୍ବଲପୁରରେ ଚଳାଚଳ କରିବ। ପରେ ପର୍ଯ୍ୟାୟକ୍ରମେ ଝାରସୁଗୁଡ଼ା, କେନ୍ଦୁଝର, ବ୍ରହ୍ମପୁର ଓ ଅନୁଗୁଳ ଜିଲ୍ଲାରେ ଏହି ଇଲେକ୍ଟ୍ରି ବସ୍ ଚଳାଚଳ କରିବ।





୭୯ତମ ସ୍ୱାଧୀନତା ଦିବସ ଅବସରରେ ରାଜଭବନରେ ଅନୁଷ୍ଠିତ 'ଆଟ୍ ହୋମ୍' ସ୍ୱାଗତ ଉତ୍ସବରେ ରାଜ୍ୟପାଳ ଡକ୍ଟର ହରି ବାବୁ କାମ୍ଭମ୍ପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟାନ୍ୟ ସମ୍ମାନିତ ଅତିଥିମାନେ ଯୋଗ ଦେବା ଅବସରରେ।

# ପର୍ଯ୍ୟଟନର ବିକାଶ ପାଇଁ ତ୍ରିପକ୍ଷୀୟ ବୁଝାମଣାପତ୍ର ସ୍ୱାକ୍ଷରିତ




ଓଡ଼ିଶାରେ ବୌଦ୍ଧଧର୍ମ ସ୍ଥଳଗୁଡିକରେ ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ଲାଇଟ୍ ଅଫ ବୁଦ୍ଧ ଫାଉଣ୍ଡେସନ ଇଣ୍ଟରନ୍ୟାସନାଲ ସଂସ୍ଥା ଭିତରେ ଏକ ତ୍ରିପକ୍ଷୀୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ପର୍ଯ୍ୟଟନ ଓ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସମ୍ବଲପୁରରେ 'ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର' ଉଦଘାଟନ






**ସମ୍ବଲପୁର:** ବାଲିବନ୍ଧାରେ ପ୍ରାୟ ୨୩ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର' (ଏଆରସି)ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ନୂଆଁଖାଇ ଅବସରରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଅନ୍ତର୍ଗତ ପେନସନ ଓ ଦିବ୍ୟାଙ୍ଗଜନମାନଙ୍କୁ ବିଭିନ୍ନ ସହାୟକ ଉପକରଣ ଶ୍ରୀ ପ୍ରଧାନ ବିତରଣ କରିଥିଲେ। 'ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର' ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଦିବ୍ୟାଙ୍ଗ ତଥା ସାମାଜିକ ଭିନ୍ନକ୍ଷମମାନଙ୍କ ପାଇଁ କୃତ୍ରିମ ଅଙ୍ଗର ଆବଶ୍ୟକତାକୁ ପୂରଣ କରିପାରିବ ବୋଲି ସେ କହିଥିଲେ। ଏହି କେନ୍ଦ୍ର ପ୍ରତିଷ୍ଠା କରିଥିବାରୁ ଓଡ଼ିଶା ସରକାରଙ୍କୁ ଓ ସମ୍ବଲପୁର ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ଏଠାରେ ଥିବା ଅତ୍ୟାଧୁନିକ ଉପକରଣର ବ୍ୟବହାର ପାଇଁ ଏକ କର୍ମଶାଳାର ଆୟୋଜନ କରି ଡାକ୍ତରମାନଙ୍କୁ ପ୍ରଶିକ୍ଷଣ ଦେବା ଉପରେ ପଦକ୍ଷେପ ନେବା ପାଇଁ ଜିଲ୍ଲା ପ୍ରଶାସନକୁ ମଧ୍ୟ ପରାମର୍ଶ ଦେଇଛନ୍ତି।

# ରାଜ୍ୟ ସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଅନୁଷ୍ଠିତ






ଭୁବନେଶ୍ୱର: 'ଗୋଟିପୁଅ ହେଉଛି ଆମ ଓଡ଼ିଆ ଅସ୍ମିତାର ପରିଚୟ, ଆମ ନୃତ୍ୟ ପରମ୍ପରାର ପରିଚାୟକ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ହୋଇଥିବା ରାଜ୍ୟ ସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବରେ ଆମ ନୃତ୍ୟ ଶିଳ୍ପୀମାନଙ୍କର ନୈପୁଣ୍ୟତା ତଥା ଗୋଟିପୁଅ ନୃତ୍ୟର ମହନୀୟତା ପ୍ରଦର୍ଶିତ ହୋଇଛି। ଗୋଟିପୁଅର ସକାରାତ୍ମକ ଭବିଷ୍ୟତ ପାଇଁ ଆଲୋଚନା ଚକ୍ରରେ ନୃତ୍ୟର ବିଭିନ୍ନ ଦିଗକୁ ନେଇ ବିଶ୍ଳେଷଣ କରାଯାଇଛି। ଜାତୀୟ ଶିକ୍ଷା ନୀତି ଆଧାରରେ ଆମ ପାରମ୍ପରିକ ନୃତ୍ୟକୁ ଯେପରି ପାଠ୍ୟକ୍ରମ ଓ ସହ ପାଠ୍ୟକ୍ରମ ଭାବେ ସଂଶ୍ଳିଷ୍ଟ କରାଯାଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରାଯିବ', ବୋଲି ମାନ୍ୟବର ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ରାଜ୍ୟ ସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଗୋଟିପୁଅ କେବଳ ଯେ ମନୋରଞ୍ଜନର ମାଧ୍ୟମ ନୁହେଁ ବରଂ ଆମ ସଂସ୍କୃତିର ପଥ ପ୍ରଦର୍ଶକ ଏବଂ ଏକ ସୁସ୍ଥ ଓ ନିରୋଗ ଜୀବନଶୈଳୀ ଯାପନ କରିବାର ମାଧ୍ୟମ ବୋଲି ମତପ୍ରକାଶ କରିଥିଲେ। ଉଦଯାପନୀ ସମାରୋହରେ ଗୁରୁ ଭାଗିରଥି ମହାପାତ୍ର (୮୩ ବର୍ଷ ବୟସରେ) ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ, ଯାହାକି ଆଜିର କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଥିଲା।

# ମେଡ୍ ଇନ୍ ଇଣ୍ଡିଆ ଚିପ୍ସର ପ୍ରଥମ ସେଟ୍ ଗ୍ରହଣ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



**ନୂଆଦିଲ୍ଲୀ:** ଭାରତର ସେମିକଣ୍ଡକ୍ଟର ଯାତ୍ରା ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଠାରୁ ମେଡ୍ ଇନ୍ ଇଣ୍ଡିଆ ଚିପ୍ସର ପ୍ରଥମ ସେଟ୍ ଗ୍ରହଣ କରିଛନ୍ତି। ଡିସେମ୍ବର ୨୦୨୧ରେ ଆରମ୍ଭ ହୋଇଥିବା ସେମିକଣ୍ଡକ୍ଟର ମିଶନ ମାତ୍ର ସାଢ଼େ ତିନି ବର୍ଷ ମଧ୍ୟରେ ଅନୁମୋଦନ ଠାରୁ ଉତ୍ପାଦନ ପର୍ଯ୍ୟନ୍ତ ପହଞ୍ଚି ପାରିଛି। ଏହା ଦେଶ ପାଇଁ ଗୌରବର ବିଷୟ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି। ଏଥିସହିତ ଦୂରଦୃଷ୍ଟି, ଦୃଢ଼ ଇଚ୍ଛାଶକ୍ତି ଏବଂ ନିର୍ଣ୍ଣାୟକ ପଦକ୍ଷେପ ଲାଗି ପ୍ରଧାନମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। କେନ୍ଦ୍ର ମନ୍ତ୍ରୀ ବୈଷ୍ଣବ କହିଛନ୍ତି, ୭.୮% ଜିଡିପି ବିକାଶ ହାର ଠାରୁ ଆରମ୍ଭ କରି ପ୍ରଥମ ମେଡ୍ ଇନ୍ ଇଣ୍ଡିଆ ଚିପ୍ସ ସହିତ ବୃଦ୍ଧି ପାଉଥିବା ଏକ ସେମିକଣ୍ଡକ୍ଟର ଇକୋସିଷ୍ଟମ ବଳରେ ଭାରତ ସ୍ଥିରତାର ଏକ ଆଲୋକବର୍ତ୍ତିକା ପାଲଟିଛି। କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରି କହିଛନ୍ତି, ଭାରତର ସେମିକଣ୍ଡକ୍ଟର ମିଶନ ବୌଦ୍ଧିକ ସମ୍ପତ୍ତି ଅଧିକାରକୁ ସମ୍ମାନ ଦେବା, ଯୋଗାଣ ଶୃଙ୍ଖଳା ବିକାଶକୁ ସମର୍ଥନ କରିବା ଏବଂ ବିଶ୍ୱ ଅଂଶୀଦାରମାନଙ୍କ ସହିତ ସହ-ବିକାଶ ମଡେଲଗୁଡ଼ିକୁ ପ୍ରୋତ୍ସାହିତ କରିବାର ବିଶ୍ୱାସ ଉପରେ ଆଧାରିତ। ସେମିକନ୍ ଇଣ୍ଡିଆ ୨୦୨୫ ଅବସରରେ ୧୨ଟି ବୁଝାମଣାପତ୍ର (ଏମଓୟୁ) ଘୋଷଣା କରାଯାଇଛି। ଏହି ଏମଓୟୁଗୁଡ଼ିକରେ ଉତ୍ପାଦ ବିକାଶକୁ ବୃଦ୍ଧି କରିବା, ସେବା କ୍ଷମତାକୁ ବିସ୍ତାର କରିବା ଏବଂ ଦକ୍ଷତା ବିକାଶ କ୍ଷେତ୍ରକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦିଆଯାଇଛି, ଯାହାର ଲକ୍ଷ୍ୟ ହେଉଛି ଦେଶରେ ଏକ ଆତ୍ମନିର୍ଭରଶୀଳ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ଗଠନ କରିବା। ଅଭିନବ ଉଦ୍ଭାବନକୁ ଆହୁରି ସୁଦୃଢ଼ କରିବା ପାଇଁ, ଶ୍ରୀ ବୈଷ୍ଣବ ଡିପ୍ ଟେକ୍ ଫଣ୍ଡ ଗଠନ ବିଷୟରେ ଘୋଷଣା କରିଛନ୍ତି। ଏଥିରେ ପ୍ରାୟ ଏକ ବିଲିୟନ ଡଲାର ପୁଞ୍ଜିନିବେଶ ହେବ। ପ୍ରାରମ୍ଭରେ ସେମିକଣ୍ଡକ୍ଟର ଉପରେ ଧ୍ୟାନ ଦେଇ ଏହି ଫଣ୍ଡ ସ୍ୱଚ୍ଛ ଶକ୍ତି, ଜୈବ ପ୍ରଯୁକ୍ତିବିଦ୍ୟା, କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟା ଏବଂ ମହାକାଶ ଭଳି ଅନ୍ୟାନ୍ୟ କ୍ଷେତ୍ରକୁ ବିସ୍ତାରିତ ହେବ। କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଏହା ଉଦୀୟମାନ ଡିପ୍ ଟେକ୍ ଶିଳ୍ପ ପାଇଁ ଅତ୍ୟନ୍ତ ଆବଶ୍ୟକ ଭେଞ୍ଚର ପୁଞ୍ଜି ସହାୟତା ପ୍ରଦାନ କରିବ। ଭାରତୀୟ ସେମିକଣ୍ଡକ୍ଟର ମିଶନ (ଆଇଏସଏମ) ୧.୦ର ସଫଳତାକୁ ଆଧାର କରି, ସରକାର ଆଇଏସଏମ ୨.୦ ଆରମ୍ଭ କରିବାକୁ ମଧ୍ୟ ପ୍ରସ୍ତୁତ ହେଉଛନ୍ତି। ଏହା ସମଗ୍ର ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାକୁ ସାମିଲ କରିବା ପାଇଁ ଫ୍ୟାବ୍, ଓଏସଏଟି ୟୁନିଟ୍, ପୁଞ୍ଜି ଉପକରଣ ଏବଂ ସାମଗ୍ରୀ ପାଇଁ ସମର୍ଥନକୁ ବ୍ୟାପକ କରିବ।

# ଓଡ଼ିଶାରେ ରେଳ କ୍ଷେତ୍ରର ବିକାଶ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କ ବୈଠକ



**ନୂଆଦିଲ୍ଲୀ:** ଓଡ଼ିଶାରେ ରେଳ କ୍ଷେତ୍ରର ବିକାଶ, ଯାତାୟତ ଓ ପରିବହନକୁ ସୁଗମ କରିବା ତଥା ରେଳ ନେଟୱାର୍କକୁ ସୁଦୃଢ଼ କରିବା ଦିଗରେ ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଓଡ଼ିଶାର ଦଳୀୟ ସାଂସଦମାନଙ୍କ ମଧ୍ୟରେ ସବିଶେଷ ଆଲୋଚନା ହୋଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ନାଗରିକଙ୍କ ଯାତାୟତ, ଶିଳ୍ପ ଏବଂ ଖଣିଜ କ୍ଷେତ୍ରର ବିକାଶ ସହ କୃଷି ଉତ୍ପାଦିତ ସାମଗ୍ରୀକୁ ଦେଶ ବଜାର ସହ ଯୋଡିବାରେ ରେଳ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ କଳ୍ପନା'ରେ ଓଡ଼ିଶାକୁ ଅଗ୍ରାଧିକାର ଦେଇ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ଗୁରୁତ୍ୱ ଦେଇଛନ୍ତି।






**ପୁରୀ:** ବଡ଼ଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ମେଗା ରକ୍ତଦାନ ଶିବିରରେ ଅତିଥି ଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ଡ. ସମ୍ବିତ ପାତ୍ର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ସହ ଅନ୍ୟ ଅତିଥିଗଣ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ଅବସରରେ।

# ଅତୁଳ୍ୟ ଭୂପେନ ଦା'



**ନରେନ୍ଦ୍ର ମୋଦି**
**ଭାରତର ପ୍ରଧାନମନ୍ତ୍ରୀ**

ଆଜି ସେପ୍ଟେମ୍ବର ୮ ତାରିଖ। ଭାରତୀୟ ସଂସ୍କୃତି ଏବଂ ସଙ୍ଗୀତ ପ୍ରତି ଆଗ୍ରହ ରଖୁଥିବା ସମସ୍ତଙ୍କ ପାଇଁ ଏକ ବିଶେଷ ଦିନ । ଆଉ ବିଶେଷ ଭାବେ ମୋର ଆସାମର ଭାଇଭଉଣୀମାନଙ୍କ ପାଇଁ ଆଜିର ଦିନ ଅଧିକ ସ୍ୱତନ୍ତ୍ର। ଆଜି ଭାରତରତ୍ନ ଡକ୍ଟର ଭୂପେନ ହଜାରିକାଙ୍କ ଜୟନ୍ତୀ। ସେ ଭାରତର ସବୁଠୁ ଅସାଧାରଣ ଓ ପ୍ରଭାବଶାଳୀ ଗାୟକଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଚଳିତ ବର୍ଷ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନର ଅୟମାରମ୍ଭ ହେବା ଖୁସିର ବିଷୟ। ଏହା ଭାରତୀୟ କଳା ଜଗତ ଏବଂ ଜନଚେତନା ଦିଗରେ ତାଙ୍କର ମହାନ ଅବଦାନକୁ ସ୍ମୃତିଚାରଣ କରିବାର ଏକ ଅବସର ଭୂପେନ ଦା' ଆମକୁ ଯାହା ଦେଇଥିଲେ, ତାହା ସଙ୍ଗୀତ ଠାରୁ ଢେର୍ ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ। ତାଙ୍କର କାର୍ଯ୍ୟଗୁଡ଼ିକ ସ୍ୱରକୁ ଅତିକ୍ରମ କରୁଥିବା ଭାବନାକୁ ମୂର୍ତ୍ତମନ୍ତ କରିଥିଲା। କେବଳ ଏକ କଣ୍ଠସ୍ୱର ନୁହେଁ ବରଂ ସେ ଲୋକମାନଙ୍କ ହୃଦୟର ସ୍ପନ୍ଦନ ଥିଲେ। ଅନେକ ପିଢ଼ି ତାଙ୍କ ଗୀତ ଶୁଣି ବଡ଼ ହୋଇଛନ୍ତି। ତାଙ୍କ ସଙ୍ଗୀତରେ



ସବୁବେଳେ ଦୟା, ଅନୁକମ୍ପା, ସାମାଜିକ ନ୍ୟାୟ, ଏକତା ଓ ଗଭୀର ସମ୍ପର୍କବୋଧର ବିଷୟବସ୍ତୁ ପୁଂଜରିତ ହୋଇଥାଏ। ଭୂପେନ ଦା'ଙ୍କ ରୂପରେ ଆସାମରୁ ଉତ୍ପତି ହୋଇଥିବା ଏହି ସ୍ୱର ଏକ କାଳଜୟୀ ନଦୀ ପରି ପ୍ରବାହିତ ହୋଇଥିଲା। ଭୂପେନ ଦା' ସଶରୀରେ ଆଜି ଆମ ଗହଣରେ ନାହାନ୍ତି କିନ୍ତୁ ତାଙ୍କ ସ୍ୱର ଆଜି ବି ଆମେ ଶୁଣିପାରୁଛୁ। ସେ ସ୍ୱର ଆଜି ବି ସବୁ ସୀମା ଓ ସଂସ୍କୃତିକୁ ଅତିକ୍ରମ କରିଛି। ସେଥିରେ ରହିଛି ମାନବୀୟ ଭାବନାର ସ୍ପର୍ଶ ଭୂପେନ ଦା' ବିଶ୍ୱ ପରିଭ୍ରମଣ କରିଥିଲେ, ସମାଜର ସବୁ ବର୍ଗର ଲୋକଙ୍କ ସହ ମିଶିଥିଲେ। କିନ୍ତୁ ସେ ଆସାମ ସହିତ ଗଭୀର ଭାବରେ ଜଡ଼ିତ ଥିଲେ। ଆସାମର ସମୃଦ୍ଧ ମୌଖିକ ପରମ୍ପରା, ଲୋକ ସଙ୍ଗୀତ ଓ ଲୋକକଥା କହିବାର ଧାରା, ତାଙ୍କ ଶୈଶବକୁ ଗଭୀର ଭାବରେ ଗଢ଼ି ତୋଳିଥିଲା । ଏହି ଅଭିଜ୍ଞତା ତାଙ୍କର କଳାତ୍ମକ ଶବ୍ଦକୋଷର ମୂଳଦୁଆ ଥିଲା। ସେ ସବୁବେଳେ ଆସାମର ଜନଜାତିଙ୍କ ପରିଚୟ ଏବଂ ଏହାର ଲୋକଙ୍କ ନୀତିକୁ ସାଙ୍ଗରେ ନେଇ ଚାଲୁଥିଲେ। ଖୁବ୍ କମ୍ ବୟସରେ ଭୂପେନ ଦା'ଙ୍କ ନିକଟରେ ଥିବା ପ୍ରତିଭାର ପରିପ୍ରକାଶ ଘଟିଥିଲା । ମାତ୍ର ପାଞ୍ଚ ବର୍ଷ ବୟସରେ, ସେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଗୀତ ଗାଇଥିଲେ। ଖୁବ୍ ଶୀଘ୍ର ସେ ଅନ୍ୟ କାହାର ନୁହେଁ, ବରଂ ଅହମିୟା ସାହିତ୍ୟର ଅଗ୍ରଦୂତ ଲକ୍ଷ୍ମୀନାଥ ବେଜବରୁଆଙ୍କ ଧ୍ୟାନ ଆକର୍ଷଣ କରିଥିଲେ। କିଶୋର ବୟସ ବେଳକୁ ସେ ତାଙ୍କର ପ୍ରଥମ ଗୀତ ରେକର୍ଡ କରିଥିଲେ। କିନ୍ତୁ ସଙ୍ଗୀତ ତାଙ୍କ ବ୍ୟକ୍ତିତ୍ୱର କେବଳ ଗୋଟିଏ ଦିଗ ଥିଲା । ଭୂପେନ ଦା' ହୃଦୟରେ ଜଣେ ବୌଦ୍ଧିକ ବ୍ୟକ୍ତିତ୍ୱ ଥିଲେ। ସେ ଜିଜ୍ଞାସୁ ସ୍ପଷ୍ଟବାଦୀ ଥିଲେ ଏବଂ ଦୁନିଆକୁ ଜାଣିବାର ଏକ ଅତୃପ୍ତ ଇଚ୍ଛା ତାଙ୍କ ଭିତରେ ରହିଥିଲା। ଜ୍ୟୋତି ପ୍ରସାଦ ଅଗ୍ରୱାଲା ଏବଂ ବିଷ୍ଣୁ ପ୍ରସାଦ ରଭାଙ୍କ ପରି ସାଂସ୍କୃତିକ କିଂବଦନ୍ତିଙ୍କ ବ୍ୟକ୍ତିତ୍ୱ ତାଙ୍କ ମନରେ ଗଭୀର ଛାପ ଛାଡ଼ିଥିଲା। ଏହା ତାଙ୍କର ଜିଜ୍ଞାସୁ ମନୋଭାବକୁ ମଧ୍ୟ ଗଭୀର କରିଥିଲା । ଶିଖିବା ପ୍ରତି ତାଙ୍କର ଅଦମ୍ୟ ଇଚ୍ଛା ତାଙ୍କୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କଟନ କଲେଜ ପର୍ଯ୍ୟନ୍ତ ଟାଣି ଆଣିଥିଲା। ସେ ବିଏଚୟୁରେ ରାଜନୀତି ବିଜ୍ଞାନର ଛାତ୍ର ଥିଲେ, କିନ୍ତୁ ତାଙ୍କର ଅଧିକାଂଶ ସମୟ ସଂଗୀତ ସାଧନାରେ ବିତୁଥିଲା । ବନାରସ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ସଂଗୀତ ମନସ୍କ କରିଥିଲା । କାଶୀର ସାଂସଦ ହୋଇଥିବା ଦୃଷ୍ଟିରୁ ତାଙ୍କ ଜୀବନ ଯାତ୍ରା ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ ମୋଡ଼କୁ ମୁଁ ଅନୁଭବ କରିପାରୁଛି ଏବଂ ଏହାକୁ ନେଇ ମୁଁ ଅତ୍ୟନ୍ତ ଗବତ। କାଶୀଠାରୁ ଆଗକୁ ବଢ଼ିଥିବା ଜୀବନଯାତ୍ରାରେ ସେ କିଛି ସମୟ ଆମେରିକାରେ ବିତାଇଥିଲେ। ସେଠାରେ ସେ ତତ୍କାଳୀନ ସମୟର ଶ୍ରେଷ୍ଠ ବିଦ୍ୱାନ, ଚିନ୍ତାନାୟକ ଓ ସଙ୍ଗୀତଜ୍ଞମାନଙ୍କ ସହ ମାନସମନ୍ଥନ କରିବାର ସୁଯୋଗ ପାଇଥିଲେ। ସେ କିଂବଦନ୍ତି କଳାକାର ଏବଂ ମାନବାଧିକାର ନେତା ପଲ୍ ରବସନ୍ ?ଙ୍କୁ ଭେଟିଥିଲେ। ରବସନ୍‌ଙ୍କ ଗୀତ 'ଓଲ୍ ମ୍ୟାନ୍ ରିଭର' ଭୂପେନ ଦା'ଙ୍କ ପ୍ରତୀକାତ୍ମକ ରଚନା 'ବିସ୍ତୀର୍ଣ୍ଣେ ଦୁପାରେର...' ପାଇଁ ପ୍ରେରଣା ପାଲଟିଥିଲା। ଆମେରିକାର ପୂର୍ବତନ ଫାର୍ଷ୍ଟ ଲେଡି ଏଲିନର ରୁଜଭେଲ୍ଟ ତାଙ୍କୁ ଭାରତୀୟ ଲୋକ ସଙ୍ଗୀତ ପରିବେଷଣ ପାଇଁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଭୂପେନ ହଜାରିକା ସଂଗୀତ ସହିତ ମା' ଭାରତୀଙ୍କର ଜଣେ ସଚ୍ଚା ଉପାସକ ଥିଲେ। ଭୂପେନ ଦା'ଙ୍କ ପାଖରେ ଆମେରିକାରେ ରହି ଉଚ୍ଚ ପଦପଦବି ହାସଲ କରିବାର ଅନେକ ବିକଳ୍ପ ଥିଲା, କିନ୍ତୁ ସେ ଭାରତ ଫେରି ଆସିଲେ ଏବଂ ସଙ୍ଗୀତ ସାଧନାରେ ନିଜକୁ ନିମଗ୍ନ କରିଦେଲେ। ରେଡିଓରୁ ଆରମ୍ଭ କରି ରଙ୍ଗମଞ୍ଚ ପର୍ଯ୍ୟନ୍ତ, ଚଳଚ୍ଚିତ୍ର ଠାରୁ ଆରମ୍ଭ କରି ଶିକ୍ଷା ସମ୍ପର୍କିତ ଡକ୍ୟୁମେଣ୍ଟାରି ପର୍ଯ୍ୟନ୍ତ, ସେ ପ୍ରତ୍ୟେକ ମାଧ୍ୟମରେ ପାରଙ୍ଗମ ଥିଲେ। ସେ ଯେଉଁଠାକୁ ଯାଉଥିଲେ, ନୂଆ ପ୍ରତିଭାଙ୍କୁ ସମର୍ଥନ କରିବା ଉପରେ ଗୁରୁତ୍ୱ ଦେଉଥିଲେ। ଭୂପେନ ଦା'ଙ୍କର କୃତିରେ ଗୀତି କବିତାର ସୌନ୍ଦର୍ଯ୍ୟ ଭରି ରହିଥିଲା । ସେ ଅବିସ୍ମରଣୀୟ ସାମାଜିକ ବାର୍ତ୍ତା ମଧ୍ୟ ଦେଇଥିଲେ। ଗରିବ ଓ ଅବହେଳିତଙ୍କ ପାଇଁ ନ୍ୟାୟ, ଗ୍ରାମୀଣ ବିକାଶ, ସାଧାରଣ ନାଗରିକଙ୍କ ଶକ୍ତି ଇତ୍ୟାଦି ପ୍ରସଙ୍ଗକୁ ସେ ସ୍ପର୍ଶ କରିଥିଲା । ତାଙ୍କ ସଙ୍ଗୀତ ମାଧ୍ୟମରେ ସେ ଆସାମର ବ୍ରହ୍ମପୁତ୍ର ସମେତ ଅନ୍ୟାନ୍ୟ ନଦୀମାନଙ୍କରେ ନୌକା ବୋହି ନେଉଥିବା ନାଉରିଆ, ଚା' ବଗିଚା ଶ୍ରମିକ, ମହିଳା, କୃଷକ ଆଦିଙ୍କ ଆଶା ଆକାଂକ୍ଷାକୁ ସ୍ୱର ଦେଇଥିଲେ। ତାଙ୍କର ରଚନା ଲୋକମାନଙ୍କର ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରୁଥିଲା । ଭୂପେନ ଦା'ଙ୍କ କୃତି ଆଧୁନିକତାକୁ ଦେଖିବା ପାଇଁ ଏକ ଶକ୍ତିଶାଳୀ ଦୃଷ୍ଟିକୋଣ ମଧ୍ୟ ପାଲଟିଥିଲା। ଅନେକ ଲୋକ, ବିଶେଷ କରି ସାମାଜିକ ଭାବରେ ପଛୁଆ ବର୍ଗର ଲୋକମାନେ ତାଙ୍କ ସଙ୍ଗୀତରୁ ଶକ୍ତି ଓ ଆଶା ପାଇଛନ୍ତି। ଆଜି ମଧ୍ୟ ପାଉଛନ୍ତି। ଭୂପେନ ଦା'ଙ୍କ ଜୀବନ ଯାତ୍ରାରେ "ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାର ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳିଥାଏ । ତାଙ୍କର କୃତି ଦେଶସାରା ଲୋକଙ୍କୁ ଏକତ୍ରିତ କରିବା ପାଇଁ ଭାଷାଗତ ଏବଂ ଆଞ୍ଚଳିକ *(ପୃଷ୍ଠା-୬)*

# ଶିକ୍ଷକ: ସମୃଦ୍ଧ ଓଡ଼ିଶାର ଆଧାର



**ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

ଆଜି ପବିତ୍ର ଗୁରୁ ଦିବସ। ଆଜିର ଏହି ପବିତ୍ର ଗୁରୁ ଦିବସରେ ସାରା ରାଜ୍ୟର ଗୁରୁ, ଆଧୁନିକ ଯୁଗର ଶିକ୍ଷକ ସମାଜକୁ ହୃଦୟରୁ ଅଭିନନ୍ଦନ ଜଣାଉଛି। ନୂଆ ଓଡ଼ିଶାର ଭିତ୍ତିଭୂମି ଆମର ପ୍ରାଥମିକ ଶିକ୍ଷାରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନଗୁଡ଼ିକର କର୍ଣ୍ଣଧାର ଆମର ଶିକ୍ଷକ ସମାଜ। ଶିକ୍ଷକଙ୍କ ସମେତ ସେମାନଙ୍କର ପରିବାର ବର୍ଗ ଏବଂ ସନ୍ତାନରୂପୀ ଛାତ୍ର ସମାଜକୁ ମଧ୍ୟ ଏହି ଶୁଭ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଗୁରୁ ଶିଷ୍ୟର ପରମ୍ପରା ଆମ ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ ହଜାର ହଜାର ବର୍ଷ ଧରି ଋଦ୍ଧିମନ୍ତ କରିଆସିଛି । ଆଜି ଆମ ଦେଶର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଶିକ୍ଷକ, ଦାର୍ଶନିକ ତଥା ଭାରତୀୟ ସଂସ୍କୃତିର ଆଗଧାଡ଼ିର ବ୍ୟକ୍ତିତ୍ୱ ଭାରତରତ୍ନ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କର ପବିତ୍ର ଜୟନ୍ତୀ। ଆଜିର ପବିତ୍ର ଦିବସରେ ଏହିପରି ଜଣେ ଅନନ୍ୟ ଗୁରୁଜୀଙ୍କୁ କୋଟି କୋଟି ପ୍ରଣାମ। ନିଜ ଜନ୍ମଦିନକୁ ବ୍ୟକ୍ତିଗତ ଭାବରେ ପାଳନ ନକରି ଦେଶର ପୂରା ଶିକ୍ଷକ ସମାଜ ପାଇଁ ସମର୍ପିତ କରିଥିଲେ ସେ। ଦେଶର ଭବିଷ୍ୟତର ବ୍ଲୁ ପ୍ରିଣ୍ଟ ଶ୍ରେଣୀଗୃହରୁ ପ୍ରସ୍ତୁତ ହୁଏ। ସାମଗ୍ରିକ ଭାବେ ଶିକ୍ଷକମାନେ ହିଁ ଦେଶ ଭବିଷ୍ୟତ ଅର୍ଥାତ୍ ନୂଆ ପିଢ଼ିକୁ ଗଢ଼ିବାର କଣ୍ଡଧାର । ଆମ ଦ୍ୱିତୀୟ ରାଷ୍ଟ୍ରପତି ତାଙ୍କ ଜନ୍ମଦିନକୁ ଶିକ୍ଷକମାନଙ୍କୁ ସମର୍ପିତ କରି ଏହାର ସ୍ପଷ୍ଟ ସନ୍ଦେଶ ଦେଶକୁ ଦେଇଛନ୍ତି। ହୁଏତ ୧୯୬୨ରୁ ଆଧୁନିକ ସ୍ୱାଧୀନୋତ୍ତର ଭାରତରେ ଦେଶ ଗୁରୁଦିବସ ପାଳନ କରୁଛି। ମାତ୍ର ଅନାଦି ଅନନ୍ତ କାଳରୁ ସନାତନ ସଭ୍ୟତାରେ ଗୁରୁଙ୍କୁ ଅନନ୍ୟ ମାନ୍ୟତା ସହ ମହର୍ଷି ବ୍ୟାସଙ୍କ ସମ୍ମାନାର୍ଥେ ବ୍ୟାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ଭାବରେ ମଧ୍ୟ ଦେଶ ପାଳନ କରିଆସୁଛି। ପୌରାଣିକ ବିଶ୍ୱାସ ଆଧାରରେ ପବିତ୍ର ବେଦର ସଂକଳକ ହେଉଛନ୍ତି ମହର୍ଷି ବ୍ୟାସ । ବିଶ୍ୱରେ ଅନେକ ମତ-ପନ୍ଥର ସୃଷ୍ଟି ହୋଇଛି। ସବୁ ବିଶ୍ୱାସ ନମସ୍ୟ ଓ ପ୍ରଣିପାତ ଯୋଗ୍ୟ କିନ୍ତୁ ଆମର ବେଦ ସମୂହଙ୍କୁ ଧର୍ମ ଗ୍ରନ୍ଥରେ ସୀମିତ କରିବା ସମୀଚୀନ ନୁହେଁ। ଆମ ବେଦରେ ଗଣିତ, ଚିକିତ୍ସା ଶାସ୍ତ୍ର, ଜ୍ୟୋତିର୍ବିଜ୍ଞାନ ଓ ପଦାର୍ଥ ବିଜ୍ଞାନ ସମେତ ଜ୍ଞାନର ଭଣ୍ଡାର ଲୁଚିରହିଛି। ଯୁଗଯୁଗ ଧରି ସାରା ଦୁନିଆର ବୈଜ୍ଞାନିକ ଓ ଚିନ୍ତାନାୟକଙ୍କ ମୁହଁରେ ଭାରତର ଜ୍ଞାନ ପରମ୍ପରାର ଜୟଜୟକାର ହେବାର ହିଁ ଶୁଣାଯାଇଛି । ଆଜି ପବିତ୍ର ଗୁରୁଦିବସରେ ଭାରତର ଅନନ୍ୟ ଜ୍ଞାନ ଓ ଗୁରୁ ପରମ୍ପରାକୁ ମୁଣ୍ଡ ନୁଆଇଁ ପ୍ରଣାମ କରୁଛି। ଭାରତୀୟ ଜ୍ଞାନ ପରମ୍ପରାର ପ୍ରବାହମାନ ଗଙ୍ଗା ସମଗ୍ର ଭାରତ ସମେତ ଆମ ରାଜ୍ୟ ଓଡ଼ିଶାକୁ ଆହୁରି ସମୃଦ୍ଧ କରୁ, ସବୁ ଗୁରୁଙ୍କ ଗୁରୁ ଓଡ଼ିଶାର ପରମ ଇଷ୍ଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆଜି ଦିନରେ ଏତିକି ପ୍ରାର୍ଥନା ପାଠପଢ଼ା ପରେ ପ୍ରାରମ୍ଭିକ ଜୀବନରେ ଶିକ୍ଷକତା କରିବାର ଅନୁଭବ ମୋ ପାଖରେ ଅଛି। ଛୋଟ ଛୋଟ ପିଲାମାନଙ୍କୁ ଶ୍ରେଣୀ ଗୃହରେ ପଢ଼ାଇବା, ଖେଳ ପଢ଼ିଆର ଚପଳତା ତଥା ସେମାନଙ୍କ ଅଭିଭାବକମାନଙ୍କ ସହ ପିଲାମାନଙ୍କ ବିଷୟରେ ଆଲୋଚନାର ସ୍ମୃତି ଗତକାଲି ପରି ଲାଗୁଛି। ଗୁରୁ ଦିବସରେ ପିଲାମାନଙ୍କର ଗୁରୁପୂଜନ ଓ ଗୁରୁ ଭାବରେ ସେ ସୌଭାଗ୍ୟର ଅଧିକାରୀ ହେବାର ସ୍ମୃତି ବୋଧେ ମୋ ଜୀବନର ସୁବର୍ଣ୍ଣ ପୃଷ୍ଠା ଭାବରେ ମନେ ରହିବ। ମୋର ପ୍ରିୟ ଓଡ଼ିଶାର ଭାଇଭଉଣୀମାନେ, ଆପଣମାନେ ଆଶା, ଭରସା ଓ ବିଶ୍ୱାସର ସହ ରାଜ୍ୟକୁ ଚଳାଇବାର ଭାର ବିଜେପି ହାତରେ ଦେଇଛନ୍ତି। ଆମେ ଆମ ସ୍ୱାଧୀନତାର ଅମୃତ କାଳରେ ଅଛି। ୨୦୩୬ ମସିହାରେ ଆମ ରାଜ୍ୟ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ ଏବଂ ୨୦୪୭ରେ ଆମ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ ଆମର ବଡ଼ ଲକ୍ଷ୍ୟ ୨୦୪୭ ମସିହାରେ ବିକଶିତ ଭାରତର ମୂଳଦୁଆ ହେବ ଓଡ଼ିଶା। ସେଥିପାଇଁ ମୋ ସରକାର ୨୦୩୬ ପାଇଁ, ମାନେ ଆଗାମୀ ୧୦- ୧୧ ବର୍ଷର ଏକ ଯୋଜନାବଦ୍ଧ କାର୍ଯ୍ୟଯୋଜନା ଆଧାରରେ ସମୟବଦ୍ଧ ଲକ୍ଷ୍ୟ ଆଧାରିତ ସଫଳତା ପାଇଁ ବଦ୍ଧପରିକର ସମୃଦ୍ଧ ଓଡ଼ିଶା ଗଠନର ମୂଳଦୁଆ ଆମର ଶିକ୍ଷାନୁଷ୍ଠାନମାନଙ୍କରୁ ପଢ଼ିବ ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା, ଟେକ୍ନିକାଲ ଶିକ୍ଷା ହେଉ ଡାକ୍ତରୀ ପାଠ ଅବା ଦକ୍ଷତା ବିକାଶ, ପାଠ୍ୟ ବ୍ୟବସ୍ଥା ସବୁକୁ ଲକ୍ଷ୍ୟ ଆଧାରିତ କରି ଆମେ ସମୃଦ୍ଧ ଓଡ଼ିଶା ଗଢ଼ିବାକୁ ବଦ୍ଧପରିକର ଏସବୁ ଭିତରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ଗୁରୁତ୍ୱ ସବୁଠାରୁ ବେଶୀ ସ୍ୱାଧୀନୋତ୍ତର ଭାରତର ସାଢ଼େ ସାତ ଦଶକରୁ ଗଣତନ୍ତ୍ର ଓ ବିକାଶର ଯାତ୍ରାରେ ହୁଏତ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ବିକାଶ ମାପଦଣ୍ଡରେ ଓଡ଼ିଶା ପଛରେ ଥାଇପାରେ। ମାତ୍ର ସାଧାରଣ ଓଡ଼ିଆ ଘରର ପିଲାମାନଙ୍କର ମେଧା ଶକ୍ତି ସାରା ଭାରତ ଏବଂ ବିଶ୍ୱକୁ ପ୍ରଭାବିତ କରିବାରେ ସଫଳ ହୋଇଛି, ଏହା ମୁଁ ଦୃଢ଼ତାର ସହିତ କହିପାରେ। ଗତ କିଛିଦିନ ତଳେ ନୂଆଦିଲ୍ଲୀର ସେମିକଣ୍ଡକ୍ଟର ନେଇ ଏକ ବଡ଼ କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଆୟୋଜକ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ଦେଶର ଏକମାତ୍ର ମୁଖ୍ୟମନ୍ତ୍ରୀ ଭାବେ ସାମିଲ ହେବାର ସୁଯୋଗ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ କହିଥିଲେ ଯେ ସାରା ବିଶ୍ୱ ଭାରତକୁ ବିଶ୍ୱାସ କରୁଛି ସାରା ବିଶ୍ୱର ରାଷ୍ଟ୍ର ସମୂହ ନିଜର ସେମିକଣ୍ଡକ୍ଟରର ଭବିଷ୍ୟତ ଭାରତ ସହ ଗଢ଼ିବାକୁ ଚାହୁଁଛନ୍ତି ସେ ଆହୁରି ମଧ୍ୟ କହିଥିଲେ ଭାରତର ଛୋଟିଆ ଚିପ୍ ବିଶ୍ୱରେ ସବୁଠାରୁ ବଡ଼ ପରିବର୍ତ୍ତନର ବାର୍ତ୍ତାବହ ହେବ। ଏହି କାର୍ଯ୍ୟକ୍ରମରେ ଜଣେମାତ୍ର ମୁଖ୍ୟମନ୍ତ୍ରୀ ଭାବରେ ଯୋଗଦେବା ମୋ ପାଇଁ ଗୌରବର ସମୟ ଥିଲା ଓଡ଼ିଶାର ଶିକ୍ଷାନୁଷ୍ଠାନମାନଙ୍କର ସେମିକଣ୍ଡକ୍ଟର ବିକାଶରେ ବଡ଼ ଭୂମିକା ସେଦିନ ସାରା ଭାରତକୁ ପ୍ରଭାବିତ କରିଥିଲା। ବ୍ରହ୍ମପୁର ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ପିଲାମାନେ ପ୍ରସ୍ତୁତ କରିଥିବା ହାଇ ପେରଫରମାନ୍ସ ମଲ୍ଟିପ୍ଲାୟାର ଆଇସି ସି ୨ ଏସ୍ଏ୦୬୧ ଚିପ୍ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ହୋଇଥିଲା। ସାରା ବିଶ୍ୱର ଓଡ଼ିଆମାନେ ଗର୍ବିତ ହୋଇଥିବେ ନିଶ୍ଚୟ। ଏହା ତ ଓଡ଼ିଆ ଜାତିର ବୌଦ୍ଧିକ ଶକ୍ତିର ନବ ଜାଗରଣର ପ୍ରମାଣ ଆଗାମୀ ଦଶନ୍ଧିରେ ଓଡ଼ିଆ ଜାତିର ବଡ଼ ବିକାଶର କେନ୍ଦ୍ର ଆମ ଶିକ୍ଷାନୁଷ୍ଠାନ ହେବ। ଯଦି ସାଧାରଣ ଓଡ଼ିଆ ଘରର ପିଲାମାନଙ୍କ ମେଧାଶକ୍ତିକୁ ଆମର ଶ୍ରେଣୀଗୃହ ଓ ଶିକ୍ଷକ ସମାଜ ଉତ୍ପ୍ରେରକର ଭୂମିକା ନେବ ତା'ହେଲେ ୨୦୩୬ ମସିହାରେ ଆମର ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନିଶ୍ଚୟ ପୂର୍ଣ୍ଣ ହେବ ମାନ୍ୟବର ପ୍ରଧାନମନ୍ତ୍ରୀ ଭାରତକୁ ବିଶ୍ୱର ନବସୃଜନର କେନ୍ଦ୍ରରେ ରଖିଛନ୍ତି। ଆମେ ଓଡ଼ିଆମାନେ ଭାରତର ନବ ସୃଜନର କେନ୍ଦ୍ର ହୋଇପାରିବା। ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ଅତ୍ୟାଧୁନିକ ଚିପ୍ ଦେଶର ସ୍ୱୀକୃତି ଏହାର ଅୟମାରମ୍ଭ ମାତ୍ର । ଅଳ୍ପ କିଛି ଦିନ ତଳେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସ୍କିମାଟିକ୍ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୋ ସରକାର ଦୃଢ଼ ନିଷ୍ପତ୍ତି ନେଇଛନ୍ତି।

*(ପୃଷ୍ଠା-୬)*

## ଭାରତୀୟ ସମୃଦ୍ଧି ଓ ଓଡ଼ିଶା

# ନବଯୁଗୀୟ ଅର୍ଥନୀତିର ଆବଶ୍ୟକତା



**ଧର୍ମେନ୍ଦ୍ର ପ୍ରଧାନ**
**ମନ୍ତ୍ରୀ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର**

୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆମେ ସମସ୍ତେ ଏକାଠି ହୋଇଥର ଜିଲ୍ଲୀର ଲାଲକିଲ୍ଲା ଠାରେ। ମନ୍ତ୍ରିମଣ୍ଡଳର ସହଯୋଗୀମାନଙ୍କ ଜନ ମୁଁ ମଧ୍ୟ ଅପେକ୍ଷା କରି ରହିଥାଏ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭିଭାଷଣକୁ। ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଆରମ୍ଭ ହେଲା ଆମ ସ୍ୱାଧୀନତାର ଅଭୁଲ ଅଧ୍ୟୟ ଓ ଆମ ବୀର ସଂଗ୍ରାମୀମାନଙ୍କ ଅବଦାନକୁ ମନେ ପକାଇବା ସହ ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ଆଗେଇ ଆସିବା ନିମନ୍ତେ ଦେଶବାସୀଙ୍କୁ ଆହ୍ୱାନ ଦେଲେ ମୋଦୀ ଏକ ସମୃଦ୍ଧ ଭାରତ ଗଠନ ପାଇଁ ଆମ ଦେଶର ସର୍ବଭୌମତ୍ୱ ଓ ସୁରକ୍ଷା ଠାରୁ ସାମାଜିକ ନ୍ୟାୟ ଓ ସଂସ୍କୃତିକ ଗୌରବ ଯାଏ, ହାଇଟେକ ଅର୍ଥନୀତି ଠାରୁ ପ୍ରଯୁକ୍ତ ଓ ଶକ୍ତି କ୍ଷେତ୍ରରେ ନବସୃଜନ ଯାଏ- ପ୍ରତିଟି ବିଷୟରେ ଗୁରୁତ୍ୱାରୋପ କଲେ ପ୍ରଧାନମନ୍ତ୍ରୀ ମୋଦୀ। ତାଙ୍କ ଭାଷଣରେ ସୁବେଶ ସେମିକଣ୍ଡକ୍ଟର ଚିପ୍ ଉତ୍ପାଦନ ଓ କେଟ୍ ସନ ନିର୍ମାଣ ସହ ଅନେକ ନୂଆ ଘୋଷଣସବୁ ଥିଲା । ତାଙ୍କ ଅରଗଷ୍ଟାର ପ୍ରତିଟି ବାକ୍ୟରେ ଥିଲା ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଅଙ୍ଗକର। ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଭାରତରେ ଭବିଷ୍ୟତ୍ କର୍ମପନ୍ଥା ଜଗନ ହେବା ଆବଶ୍ୟକ, ପ୍ରଧାନମନ୍ତ୍ରୀଙ୍କ ଏହି ଦୀର୍ଘ ବକ୍ତବ୍ୟରୁ ତାହା ଥିଲା ସୁସ୍ପଷ୍ଟ । ଆତ୍ମନିର୍ଭର ଭାରତର ସଂକଳ୍ପକୁ ଦୋହରାଇ ଜେଶବାସୀଙ୍କୁ ରବଲ୍ଲୀ ଜଗଛନ୍ତି ପ୍ରଧାନମନ୍ତ୍ରୀ । ସେ କହିଛନ୍ତି ଯେ ଗୋଟିଏ ଜାତି ପାଇଁ ଆନ ମଧ୍ୟ ଆତ୍ମସମତର ସର୍ବୋତ୍ତମ ମାପକାଠି ନେଉଛି ଏହାର ଆତ୍ମନିର୍ଭରଶୀଳତା ଏବଂ ଏହା ହେଉଛି ବିକଶିତ ଭାରତର ଆଧାରକା । ଦୂରଦ୍ରଷ୍ଟା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଶତ ଭାବୁଥିଲା ଅନେକ କଥା । ମୁଁ ଭାବୁଥିଲି, ଭବିଷ୍ୟତରେ ଭାରତକୁ ବକ୍ତବ୍ୟ ମୋ ମନକୁ ଆନ୍ଦୋଳିତ କରୁଥିଲା । ମୁଁ ସେତେବେଳେ ଅନୁନିର୍ଜନ କରିବା ପାଇଁ ଆମକୁ ଛୁଞ୍ଚି ଠାରୁ ଜାହାନ ଯାଏ, ଅତ୍ୟାଧୁନିକ କଆ ବିମାନ ଠାରୁ ଆପଟିଫିସିଆଲ ଇଣ୍ଟେଲିଜେନ୍ସ (ଏ ଆଉ ଯାଏ ସବୁକିଛି ଆମ ଦେଶରେ ପ୍ରସ୍ତୁତ କରିବାକୁ ହେବ। ଏଥିପାଇଁ ସ୍ୱଦେଶୀ ଜ୍ଞାନକୌଶଳର ବିକାଶର ଧାରାକୁ ଯଥେ ତ୍ୱରାନ୍ୱିତ କରି ଆଞ୍ଚଳିକ ଓ ସ୍ଥାନୀୟ ସ୍ତରର ଭାଗୀଦାରିକୁ ସର୍ବାଗ୍ରେ ରଖି ଆମକୁ କାମ କରିବାକୁ ହେବ। ଏଥିପାଇଁ ନିତ ଅଲଗାଥରେ ମୋଟା ଭାରତରେ ଏକ ନବଯୁଗୀୟ ଅର୍ଥନୀତିର ଉନ୍ମେଷ ଆଡ଼କୁ ଗଙ୍ଗିତ କରିଛନ୍ତି। ତେବେ ଜଣେ ଓଡ଼ିଆ ଭାବେ ମୁଁ ଚାହେଁ, ମୋ ଓଡ଼ିଶାକୁ ଏହି ନବଯୁଗୀୟ ଅର୍ଥନୀତିର ଶୀର୍ଷରେ ଦେଖିବା ପାଇଁ ଇନୋସର ପୃଷ୍ଠା ଲେଉଟାଇଲେ ଜଣାପଡ଼େ ଯେ ଭାରତରେ ତତ୍କାଳୀନ ଜ୍ଞାନକୌଶଳର ଉପଯୋଗ କରି ଶିଳ୍ପ ପ୍ରତିଷ୍ଠାର କଳ୍ପନା ଯେତେବେଳେ କେହି କରିନଥିଲେ, ସେତେବେଳେ ଓଡ଼ିଶା, ଉତ୍କଳ ଟ୍ୟାନେରି ବସଇ ବୋହରଣ ସୃଷ୍ଟି କରିଥିଲା । ତତ୍କାଳୀନ ମୟୂରଭଞ୍ଜ ରାଜ୍ୟରେ ଶିକ୍ଷା, ସୂର୍ଯ୍ୟ, ରେଳ ଭିତରୁଛି ଆଦିର ମୂଳସୁଆ ପ୍ରକାର ସାରାଦେଶର ଦୃଷ୍ଟି ଆକର୍ଷଣ କରିଥିଲେ ଓଡ଼ିଆ ରାଜନ୍ୟବର୍ଗ। ଏସବୁ କନିବାର ତାତ୍ପର୍ଯ୍ୟ ହେଲା, ଓଡ଼ିଶା ଯୁଗେ ଯୁଗେ ନୂଆ ଚିନ୍ତା, ନୂଆ ଦୃଷ୍ଟି, ନୂଆ ସଂକଳ୍ପ ଓ ନୂଆ ପଦକ୍ଷେପ ନେଇ ଭାରତର ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ରୋଲ୍ ମଡେଲ ପାଲଟିଆସିଛି । ମୋତେ ଲାଗୁଛି, ବୋଧହୁଏ ଆଜି ପୁଣିଥରେ ଆମକୁ ନୂଆ କିଛି କରିଦେଖାଇବା ପାଇଁ ସୁଯୋଗ ମନବା ଆରମ୍ଭ ହୋଇଛି । ଓଡ଼ିଶାର ଦକ୍ଷ ମାନବ ସମ୍ବଳ ଓ ପର୍ଯ୍ୟପ୍ତ ପ୍ରାକୃତିକ ସମ୍ପଦର ମୁନିଯୋଗ କରି ରାଜ୍ୟରେ ନବଯୁଗୀୟ ଅର୍ଥନୀତ ସୃଷ୍ଟି କରିବାକୁ ହେବ। ଏଥିପାଇଁ ଆମକୁ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯଥା ସେମିକଭୁକ୍ତର ଶିଳ୍ପ ଶକ୍ତି ଏପ୍ରଟେକ, ଏକ୍ସଟେକ, ଡେପ୍ ଟେଜ୍ ?, ଫିନ୍ ?ଲ୍ ?, ବାଟା ସାଇନ୍ସ, ଟେକ୍ସଟାଇଲ, କ୍ରିଟିକାଲ ମିନେରାଲ୍ ?, ବାୟୋଟେକ୍ ଓ ଫାର୍ମାଟେଳ ଅବରେ ତର୍କର୍ଷ ଲାଭ କରିବାକୁ ହେବ ଓଡ଼ିଶାର ଯୁବବର୍ଗ ଅର୍ଥାତ୍ ୧୫ରୁ ୪୫ ବର୍ଷ ବୟସର ଯୁବକଯୁବତୀଙ୍କ ସଂଖ୍ୟା ପ୍ରାୟ ୨ କୋଟି ୨୫ ଲକ୍ଷ, ଯାହା ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୫୦ ଶତକଡ଼ା ରାଜ୍ୟର ଏହି ଯୁବ ସମ୍ବଳକୁ ଦକ୍ଷତା ସ୍ତନ୍ନ କରି ସେମାନଙ୍କୁ ଜଣେ ଜଣେ ଗ୍ଲୋବାଲ୍ ସିଟିଜେନ ଭାବେ ପ୍ରସ୍ତୁତ କରିବାର ଦାୟିତ୍ୱ ଆମେ ନେଉଛୁ। ରାଜ୍ୟର ଛାତ୍ରଛତ୍ରୀମାନଙ୍କ ପାଇଁ ଯେମ୍, ଏ.ଆର. ଓ ସ୍କୁଲ୍ ବେସ୍ତ ଶିକ୍ଷା ଓ ଯୁବପିଢ଼ି ପାଇଁ ଜନ୍ନତମାନର ଦକ୍ଷତା ବିକାଶ ପ୍ରଶିକ୍ଷଣ ଆମ ମନବ ସମ୍ବଳକୁ ଆହୁରି ଶକ୍ତିଶାଳୀ ଓ ସାମର୍ଥ୍ୟବାନ କରିବ। ସେନସର, ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ମାତୃଭାଷା ଉଚ୍ଚ ଶିକ୍ଷା ମାଧ୍ୟମରେ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୂତନ ଚିନ୍ତା ଓ ନବସୃଜନର ବିକାଶ କରାଯାଇପାରିବ। ତତ୍ ?ସହିତ ଓଡ଼ିଶାରେ ଷ୍ଟାର୍ଟ ଅପ ଏପ୍ରିନ୍ ଜନିସ୍ ଓ ଇନୋଭେସନ ଇକୋସିଷ୍ଟମ ସୃଷ୍ଟି କରି ଆମ ଯୁବକପୂବତାମାନଙ୍କୁ କେବଳ ନିଯୁକ୍ତ ଆଶାୟୀ ନ ଜୋଇ ନିଯୁକ୍ତି ପ୍ରଦାନକାରୀ ଭୂମିକାରେ ଅବତୀର୍ଣ୍ଣ ହେବାକୁ ପ୍ରୋତ୍ସାହିତ କରିହେବ ୧୦୦ କ୍ୟୁବର ପରିକଳ୍ପନାରେ ୨୦୩୬ ମସହା ବେଳକୁ ଓଡ଼ିଶା ଯେତେବେଳେ ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବ, ସେତେବେଳ ସୁଦ୍ଧା ରାଜ୍ୟରେ ୧୦୦ କୋଟି ଟଙ୍କାର ନେଟ୍ ୱର୍ଥ ଥିବା ୧୦୦ ଟି ଷ୍ଟାର୍ଟଅପ୍ ସୃଷ୍ଟି କରିହେବ । ରାଜ୍ୟର ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ ଆମ ଶକ୍ତି କ୍ଷେତ୍ର ଓ ଖଣିକକ୍ଷେତ୍ର ଆଧାରିତ ଅର୍ଥନୀତି ସୌର ଶକ୍ତି, ଗ୍ରିନ ହାଇଡ୍ରୋଜେନ, ବାୟୋ-ନଥଳଳ ଭଳି ସବୁଜ ଶକ୍ତି କ୍ଷେତ୍ରରେ ଓଡ଼ିଶାର ଉତ୍ପାଦକତା ବୃଦ୍ଧି ଆମ ପାଇଁ ବରଦାନ ସଦୃଶ ନେବା ଓଡ଼ିଶାର ଖଣିଜ ଆଧାରିତ ଅର୍ଥନୀତିରେ କ୍ରିଟିକାଲ ମନେପାଳନ ବଡ଼ ଭୂମିକା ରହିବା ନିକଟରେ ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା କୁଟକାର ମନେରାଲ ମିଶନ ଓଡ଼ି ପାଇଁ ସୁଯୋଗ ଆଣିବା ବିଜନ ମାଧ୍ୟମରେ ଇଲେକ୍ଟ୍ରିକ ଯାନବାହନ ଓ ଏନର୍ଜି ଷ୍ଟୋରେଜ କ୍ଷେତ୍ରରେ ଖଣିଜ ସାଦର ଉତ୍ତୋଳନ, ପ୍ରକ୍ରିୟାକରଣ ଓ ପୁନଃପ୍ରକ୍ରିୟାକରଣ ଓଡ଼ିଶା ପାଇଁ ବିପୁଳ ସମ୍ଭାବନା ରହିଛି। ବ୍ରହ୍ମପୁର ସ୍ଥିତ ରଣଧାନ ଚେୟାର ଅର୍ଥ ଲିମିଟେଡ (ଆଇଆରଏଲ୍) ସହାୟତାରେ ଓଡ଼ିଶାରେ କ୍ରିଟିକାଲ ମିନେରାଲ୍ସ କ୍ଷେତ୍ରରେ ଅନୁସଂକ ଏକ ପ୍ରତିଷ୍ଠା କରିବାର ଲକ୍ଷ୍ୟ ହାସଲ କରିହେବ। ହରେ ରୂପାନ୍ତରିତ କରିବାକୁ ହେବ । *(ପୃଷ୍ଠା-୬)*

# ନୀତିଶିକ୍ଷା: ସକଳ ଘଟେ ନାରାୟଣ



**ଭବତୋଷ ତ୍ରିପାଠୀ**

ଏକଦା ଜଣେ ପୁଣ୍ୟାତ୍ମା ବ୍ୟକ୍ତି ଉତ୍ତର ଭାରତରୁ ଦକ୍ଷିଣ ଭାରତ ପର୍ଯ୍ୟନ୍ତ କିଛି ତୀର୍ଥ ଯାତ୍ରୀଙ୍କ ସହ ପଦଯାତ୍ରାରେ ବାହାରିଲେ । ସମସ୍ତେ ଗୋଟିଏ ଲେଖାଁ ପାତ୍ରରେ ଗଙ୍ଗାଜଳ ନେଉଥାନ୍ତି । ପୁଣ୍ୟାତ୍ମା ବ୍ୟକ୍ତି ଜଣକ ମଧ୍ୟ ଗୋଟିଏ ପାତ୍ରରେ ଉତ୍ତର ଭାରତର ଗଙ୍ଗୋତ୍ରୀଠାରୁ ଗଙ୍ଗାଜଳ ନେଉଥାନ୍ତି । ସମସ୍ତଙ୍କର ଉଦ୍ଦେଶ୍ୟ ଏକ, ଦକ୍ଷିଣ ଭାରତର ରାମେଶ୍ୱର ଶିବ ମନ୍ଦିରରେ ଶିବଙ୍କୁ ଜଳାଭିଷେକ କରିବା । ଚାଲୁଥିବା ଅବସ୍ଥାରେ ପ୍ରତ୍ୟେକ ସତର୍କ ଥିଲେ, ଯେପରି ଗୋଟିଏ ବିନ୍ଦୁ ଗଙ୍ଗାଜଳ ମଧ୍ୟ ତଳେ ପଡ଼ି ନଯାଏ । ସେତିକିବେଳେ ଭୀଷଣ ଗରମ ଅନୁଭୂତ ହେଉଥାଏ । ସେହି ସମୟରେ ହଠାତ୍ ସେହି ସାଧୁ ଜଣକ ଶୁଖିଲା ଜମି ମଧ୍ୟରେ ଗୋଟିଏ ଗଧ ପଡ଼ି ରହିଥ ?ବା ଦେଖିଲେ ଯିଏକି ସୂର୍ଯ୍ୟଙ୍କର ପ୍ରଖର ଉତ୍ତାପ ଯୋଗୁଁ ଅତ୍ୟନ୍ତ ତୃଷାର୍ତ୍ତ ହୋଇ ଦୁର୍ବଳ ଓ ଶକ୍ତିହୀନ ହୋଇ ପଡ଼ିଥିଲା । ସେ ଜାଣିପାରିଲେ ଗଧ ପାଇଁ ତତ୍କାଳ ଜଳପାନର ଆବଶ୍ୟକ ?ତା ଅଛି । ତତ୍ପରେ ସେ ଭାବିଲେ, — " ଏହି ଗଙ୍ଗାଜଳତକ ଭଗବାନ ଶିବଙ୍କ ମସ୍ତକରେ ନ ଢାଳି ବରଂ ଏ ତୃଷାର୍ତ୍ତ ଗଧଟିକୁ ପିଆଇଦେବା ଉଚିତ ହେବ । ସମସ୍ତ ପ୍ରାଣୀଙ୍କ ଭିତରେ ସେଇ ଅମର ସତ୍ତା ଭଗବାନ ବିଦ୍ୟମାନ ।" ତାଙ୍କୁ ଏପରି ଜଣାଗଲା ସତେ ଅବା ଗଧରୂପୀ ଭଗବାନ ଶୋଷରେ ଛଟପଟ ହେଉଛନ୍ତି । ତେଣୁ ସେ ଜଳପାତ୍ରର ଘୋଡ଼ଣୀ ଖୋଲି ଧୀରେ ଧୀରେ ସେହି ଛୋଟ ଗଧଟିର ଶୁଖୁଲା ମୁହଁରେ ଟୋପା ଟୋପା ଜଳ ଢାଳି ତାକୁ ପିଆଇଦେଲେ । ତାଙ୍କ ସହ ?ଯାତ୍ରୀମାନେ, ଯେଉଁମାନେ ଠିଆହୋଇ ଏ ଦୃଶ୍ୟ ଦେଖୁଥିଲେ, ବିଶ୍ୱାସ କରିପାରିଲେ ନାହିଁ, ତାଙ୍କ ଚକ୍ଷୁ ସମ୍ମୁଖରେ ସେ କ'ଣ ଦେଖୁଛନ୍ତି । ଆଶ୍ଚର୍ଯ୍ୟ ହୋଇ ସେମାନେ ଚିତ୍କାର କରି କହିଲେ, — " ହେ ସାଧୁ ମହାତ୍ମା, ଆପଣ ଏ କ'ଣ କରୁଛନ୍ତି ? ହଜାର ହଜାର ମାଇଲ ଏହି ଜଳ ବହନ କରି ଆଣିଲେ । ତାହା ମନ୍ଦିରରେ ଭଗବାନଙ୍କ ମସ୍ତକରେ ଢାଳିବା ପରିବର୍ତ୍ତେ ଏ ଗଧ ମୁହଁରେ ଢାଳୁଛନ୍ତି ?" ସାଧୁଜଣକ ସେମାନଙ୍କ ମନ୍ତବ୍ୟକୁ ଭ୍ରୂକ୍ଷେପ ନ କରି କହିଲେ, — " ତୁମେମାନେ ମନ୍ଦିରକୁ ଯାଅ ଏବଂ ତୁମ ଜଳ ଶିବଙ୍କ ମସ୍ତକରେ ଅର୍ପଣ କର । ମୁଁ ମୋ ଗଙ୍ଗାଜଳ ଏହିଠାରେ ଢାଳୁଛି । ମୋର ଯାତ୍ରା ପୂର୍ଣ୍ଣ ହୋଇ ଯାଇଛି । ତୁମେ ତୁମ ରାସ୍ତାରେ ଯାଅ ।" ତାହାଶୁଣି ତୀର୍ଥଯାତ୍ରୀମାନେ ସେ ସାଧୁଙ୍କୁ ସେହିଠାରେ ଛାଡ଼ି ଦେଇ ପୁଣି ଯାତ୍ରା କରିବାକୁ ଲାଗିଲେ ।ସେମାନେ ଯେତେବେଳେ ମନ୍ଦିର ଭିତରେ ପ୍ରବେଶ କଲେ, ତାଙ୍କ ସମ୍ମୁଖରେ ଗୋଟିଏ ଅଦ୍ଭୁତ ଦୃଶ୍ୟ ଦେଖ ?ିବାକୁ ପାଇଲେ । ସେମାନେ ଦେଖିଲେ, ସେହି ସାଧୁଜଣକ ଯିଏ ସମସ୍ତ ଜଳ ତୃଷାର୍ତ୍ତ ଗଧ ମୁହଁରେ ଢାଳି ଦେଇଥିଲେ, ସେ ଆଗରୁ ସେଠାରେ ଆସି ପହଞ୍ଚି ସାରିଛନ୍ତି ଏବଂ ଶିବଙ୍କ ମସ୍ତକରେ ଜଳ ଢାଳୁଛନ୍ତି । ସେମାନେ କ'ଣ ଦେଖୁଛନ୍ତି ଧାରଣା ନ କରିପାରି ଭାବିଲେ, — " ଏହା କଦାଚିତ୍ ସମ୍ଭବ ନୁହେଁ । ଆମେ ଏ ସାଧୁଙ୍କୁ କିଛି ମାଇଲ ଦୂରରେ ଛାଡ଼ି ଆସିଲୁ । ସେ ଆମ ଆସିବା ପୂର୍ବରୁ କିପରି ଏ ମନ୍ଦିରରେ ପହଞ୍ଚି ପାରିଲେ ? ଏହା ସମ୍ଭବ ହୋଇ ନପାରେ ।" ମର୍ମବାଣୀ : ଏ ଗଳ୍ପଟି ସାଧୁମାନଙ୍କର ଜୀବନରେ ଏକ ସାଧାରଣ ଘଟଣା । ଏହା କ'ଣ ବାସ୍ତବରେ ସମ୍ଭବ ? ଜଣେ କ'ଣ ଭଗବାନଙ୍କୁ କେବଳ ପଥରରେ ନ ଦେଖି ଗୋଟିଏ ଗଧ ଭିତରେ ଦେଖିପାରେ ? ହଁ, ଭଗବାନ ସର୍ବବ୍ୟାପୀ, ତାଙ୍କର ଉପସ୍ଥିତି ସର୍ବତ୍ର । ଆମେ ଯଦି ଅନ୍ୟର ସେବା କରିବା ମନୋବୃତ୍ତି ପୋଷଣ କରୁ — ଏପରିକି ଯାହାର କ୍ରୂର ବ୍ୟବହାର ଆମକୁ କଷ୍ଟଦିଏ, ସେଠାରେ ଭାବିନେବାକୁ ହେବ ଯେ ସେମାନଙ୍କ ମଧ୍ୟରେ ମଧ୍ୟ ଈଶ୍ୱର ବିଦ୍ୟମାନ । ତାହାହେଲେ ଯାଇ ଭଗବାନ ଯେ ସର୍ବବ୍ୟାପୀ ତାହା ଉପଲବ୍ଧି କରିପାରିବା । ଯେଉଁମାନେ ବିବେକ ଓ ବୁଦ୍ଧିହୀନ ସେମାନେ ଅନ୍ୟକୁ ସେହି ହୀନ ଦୃଷ୍ଟିରେ ହିଁ ଦେଖୁଥାନ୍ତି । ଅନ୍ୟର ଦୁଃଖ ଦୁର୍ଦ୍ଦଶା ସେମାନଙ୍କ ପ୍ରାଣ ତନ୍ତ୍ରୀକୁ କରୁଣାସିକ୍ତ କରେନାହିଁ । ଜୀବମାତ୍ରକେ ହିଁ ପ୍ରତ୍ୟେକଙ୍କ ଭିତରେ ଶିବ ବିଦ୍ୟମାନ — ଏହି ଧାରଣା କେବଳ ସେହିମାନଙ୍କର ଥାଏ, ଯେଉଁମାନେ ସେଇ ଦିବ୍ୟ ସତ୍ତାକୁ ଉପଲବ୍ଧି କରନ୍ତି ।

*ପାର୍ବତୀପୁର, ପୁରୀ*
*ମୋ - ୯୦୯୦୧୭୨୧୬୭*

## ।। ଓଁ ଶ୍ରୀ ଦୁର୍ଗା ମାଧବାଭ୍ୟାଂ ନମଃ ।।



**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରିପାଠୀ ଶର୍ମା**
**ଶ୍ରୀ ଲୋକନାଥ ରୋଡ୍, ହାତୀଶାଳ,**
**ପୁରୀ-୭୯୭୮୪୬୪୬୩୯**



**ମେଷ ରାଶି-** ମାସଟି ଏତେ ଭଲରେ ଯିବ ନାହିଁ । ଦେହ ପ୍ରାୟ ଭଲ ରହିବ. ଆର୍ଥିକ ସ୍ଥିତି ତଥା ଆୟ ନରହିପାରେ.ପାରିବାରିକ ଜୀବନରେ ସାମାନ୍ୟ ସଙ୍କାରେ ରହିପାରନ୍ତି. ବ୍ୟବସାୟରେ ମଧ୍ୟମ ଲାଭ ହେବ । ବିଦ୍ୟାର୍ଥୀମାନେ ପଢ଼ାରେ ଅବହେଳା କରିବେ ।

**ବୃଷ ରାଶି -** ମାସଟି ମିଶ୍ରିତ ଶୁଭାଶୁଭ ଫଳଦାୟକ ଅଟେ । ଦେହ ସାଧାରଣତଃ ଭଲ ରହିବ । ଆୟ ମଧ୍ୟମ ରହିବ । ପାରିବାରିକ ଜୀବନରେ ସାମାନ୍ୟ ଅଶାନ୍ତି ହୋଇପାରେ. ବ୍ୟବସାୟରେ ଅଳ୍ପ ଲାଭ । ବିଦ୍ୟାର୍ଥୀମାନେ ପଢ଼ାରେ ମଧ୍ୟମ ଫଳପାଇବେ ।

**ମିଥୁନ ରାଶି -** ମାସଟି ଆପଣଙ୍କର ଅତ୍ୟନ୍ତ ଶୁଭଦାୟକ ରହିବ. ଦେହ ଓ ମନ ଭଲ ରହିବ.ଆୟ ଅବ୍ୟାହତ ହେବ.ପାରିବାରିକ ଜୀବନରେ ସୁଖସମୃଦ୍ଧି ବଢ଼ିବ. ବ୍ୟବସାୟରେ ଭଲ ଲାଭ ହେବ. ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ଉତ୍ସାହ ସହ ଆଗେଇବେ।

**କର୍କଟ ରାଶି -** ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ରହିପାରେ । ସାମାନ୍ୟ ଦେହ ପୀଡା ହୋଇପାରେ । ଆୟ ବ୍ୟୟର ପରିମାଣ ପ୍ରାୟ ସମାନ ରହିବ । ପାରିବାରିକ ଜୀବନରେ ଶାନ୍ତି ପାଇବେ.ବ୍ୟବସାୟରେ କମ୍ ଲାଭ । ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ କରିବେ ।

**ସିଂହ ରାଶି -** ମାସଟି ଆପଣଙ୍କର ଶୁଭଦାୟକ ନୁହେଁ. ଦେହ ଭଲ ରହିଲେ ମଧ୍ୟ ମନରେ କିଛି ଅସନ୍ତୋଷ ହେବ । ବ୍ୟୟ ଅଧିକ ହେବ । ପାରିବାରିକ ଜୀବନରେ ସାମାନ୍ୟ ଅଶାନ୍ତି ହୋଇପାରେ । ବ୍ୟବସାୟରେ ଲାଭ ମଧ୍ୟମ ରହିବ । ବିଦ୍ୟାର୍ଥୀମାନେ ପଢ଼ାରେ ଅବହେଳା କରିବେ।

**କନ୍ୟା ରାଶି -** ମାସଟି ଆପଣଙ୍କର ସମସ୍ୟାବହୁଳ ହୋଇପାରେ.ଦେହ ଅସୁସ୍ଥ ରହିପାରେ.ଆୟ ଅପେକ୍ଷା ବ୍ୟୟ ଅଧିକ ହୋଇପାରେ । ପାରିବାରିକ ଜୀବନରେ ମଧ୍ୟମ ଧରଣର ଖୁସି ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି । ବିଦ୍ୟାର୍ଥୀମାନଙ୍କର ପଢାପଢିରେ ଆଗ୍ରହ କମିପାରେ।

**ତୁଳା ରାଶି -** ମାସଟି ଆପଣଙ୍କର ଅତ୍ୟନ୍ତ ଶୁଭଦାୟକ ରହିବ. ଦେହ ସାଧାରଣତଃ ଭଲ ଓ ମନ ପ୍ରଫୁଲ୍ଲିତ ରହିବ. ଆୟ ଅତ୍ୟନ୍ତ ଭଲ ହେବ. ପାରିବାରିକ ଜୀବନ ହସଖୁସିରେ କାଟିବେ. ବ୍ୟବସାୟରେ ଭଲ ଲାଭ ହେବ. ବିଦ୍ୟାର୍ଥୀମାନେ ପଢ଼ାରେ ଖୁସିର ସହ ଆଗେଇବେ ।

**ବିଛା ରାଶି -** ମାସଟି ଆପଣଙ୍କର ଶୁଭଦାୟକ ରହିବ. ଦେହ ଓ ମନ ପ୍ରାୟ ଭଲ ରହିବ. ଆୟ ମଧ୍ୟମ ରହିବ. ପାରିବାରିକ ଜୀବନରେ ଶାନ୍ତି ପାଇବେ. ବ୍ୟବସାୟରେ ଭଲ ଲାଭ ମିଳିବ. ବିଦ୍ୟାର୍ଥୀମାନେ ପଢାପଢିରେ ପରିଶ୍ରମ କରିବେ ଓ ସୁଫଳ ପାଇବେ।

**ଧନୁ ରାଶି -** ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ରହିବ । ଦେହ ସୁସ୍ଥ ରହିବ.ଆୟ ଅବ୍ୟାହତ ହେବ.ପାରିବାରିକ ଜୀବନରେ ସୁଖଶାନ୍ତିର ବାତାବରଣ ଦେଖାଦେବ । ବ୍ୟବସାୟରେ ଲାଭ ହୋଇପାରେ । ବିଦ୍ୟାର୍ଥୀମାନେ ପଢ଼ାରେ ଆଗେଇବେ।

**ମକର ରାଶି -** ମାସଟି ଆପଣଙ୍କର ସାମାନ୍ୟ ଅଶୁଭଦାୟକ ରହିବ.ଦେହ ସାମାନ୍ୟ ପୀଡାଦାୟକ ରହିବ.ଆୟ ଠାରୁ ବ୍ୟୟ ଅଧିକ ହେବ.ପାରିବାରିକ ଜୀବନରେ ମନ ମତାନ୍ତର ହୋଇପାରେ. ବ୍ୟବସାୟରେ ଅଳ୍ପ ଲାଭ. ବିଦ୍ୟାର୍ଥୀମାନେ ପଢ଼ାରେ ଅବହେଳା କରିବେ।

**କୁମ୍ଭ ରାଶି -** ମାସର ଅର୍ଦ୍ଧେକ ଆପଣଙ୍କ ପାଇଁ ଶୁଭଦାୟକ ରହିବ.ଦେହ ଭଲ ନରହିପାରେ.ଆୟ ମଧ୍ୟମ ଧରଣର ରହିବ.ପାରିବାରିକ ଜୀବନରେ କିଛି ଅଶାନ୍ତି ହୋଇପାରେ.ବ୍ୟବସାୟରେ କ୍ଷତିର ସମ୍ଭାବନା.ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ କରିବେ ।

**ମୀନ ରାଶି -** ମାସଟି ଆପଣଙ୍କର ଖୁବ ଭଲରେ ଯିବ.ଦେହ ଓ ମନ ସାଧାରଣତଃ ଭଲ ରହିବ. ଆୟ ଭଲ ହେବ. ପାରିବାରିକ ଜୀବନ ଆନନ୍ଦଦାୟକ ରହିବ. ବ୍ୟବସାୟରେ ଭଲ ଲାଭ ପାଇବେ. ବିଦ୍ୟାର୍ଥୀମାନେ ପଢ଼ାପଢି ରେ ଉଚ୍ଚଫଳ ପାଇବେ.

# Ganapati Cult in Odisha

Pradeep Kumar Gan

The Ganapati Cult occupies a significant position in the Brahmanical religion of Orissa. The discovery of Ganesh images from different parts of Orissa highlights popularity of this god. Ganesh is the remover of all obstacles and bestower of success. His elephant head suggests cool brain and the steed, and his mount rat suggests perseverance. These two qualities are important to achieve success. He is the only god, who is worshipped first among the realm of gods and goddesses of the Brahmanical pantheon. Ganesh was probably a non-Aryan deity worshipped by the ancient tribes of India. The antiquity of Ganesh cannot be pushed back to the Vedic period. During the Vedic period, the four Vedas do not refer about the worship of Ganesh. Ganesh also does not find a place in the assembly of Vedic deities. Most probably Ganesh was introduced to the Brahmanical pantheon at a later period. As a leader of the Ganas, Ganesh is also called Ganapati. In the later mythology, Ganesh has been referred to in the name, Vinayaka. The mythological accounts with regards to the origin of Ganesh or his birth are extremely confusing. According to Brahma Purana, Parvati created him by meditation and else where in the same work, it is also stated that Ganesh was created out of the dirt of Parvati's body. Association of Ganesh with Siva and Parvati has been referred in the Puranas, where he is called Ambikanandana. The Ganapati Cult is said to have come into existence in around the sixth century A.D. The earliest cult image of Ganapati, so far known, is found in the niche of the Siva temple at Bhumara dated to the sixth century A.D. Almost all the temples of India bear the image of Ganapati and the Odishan temples are no exception to it. He is represented as a Parsvadevata in many Siva temples of Odisha and in some places, there are independent temples built for his worship. During the seventh century A.D. Ganesh for the first time appeared in the Orissan temples. The earliest Ganesh image is found in the Parasuramesvara temple of Bhubaneswar. In the right side Torana of the entrance gate and in the north-



west corner of the northern wall of the Parasuramesvara temple, the image of Ganesh has been carved. Here his attributes are Kuthara, Modaka, Japamala and a radish and he is seen without his mount rat. He is depicted alongwith the Saptamatrikas. During the same period the image of Ganesh as Parsvadevata is found in the Svarnajalesvara temple at Bhubaneswar, Paschimesvara temple at Talcher and Dakshinesvara temple at Budagaon in the Ganjam district. The eighth century images of Ganesh are found in the Muktesvara, Sisiresvara, Vaital, Kedaresvara and Lingaraj temples in Bhubaneswar; Siva temple at Delang; Batesvara temple at Balur in the Ganjam district; Ramesvara temple at Baud, Kichakesvari temple at Khiching in the Mayurbhanj district; Jagannath temple at Puri; Maninagesvara temple in the Balasore district and Kali temple in Koraput district. From the ancient times, the Mahavinayaka temple near Chandikhol in the present Jajpur district is a famous Ganesh Pitha, Similarly, the other Ganesh Pithas in our state are located in Khiching at Mayurbhanj district and Karamula in the Dhenkanal district. The images of Ganesh found in Orissa can be divided into two broad groups, because of the presence of the mouse, the characteristic mount of the god. The first variety of Ganesh images are without the mouse and they are seated, rarely standing, holding in the four hands a radish, a Japamala, an upraised Kuthara and a bowl of Sweets. The snakes are shown as the belt and the Upavita. The second variety of image is shown with the mouse, and the god has a standing position, holding in the upper right hand a broken tusk, in the lower right hand a Japamala and in the lower left hand a Kuthara placed upside down. A snake is shown as the Upavita and the head wears a Jatamukuta. The images of Ganesh found in the temples of Orissa fall into three categories, i.e., Asina (seated), Sthanaka (standing) and Nrutya (dancing) from the point of iconography. The Asina Ganesh is found in Orissa from seventh to eighth century A.D. During this period the image of Asina Ganesh image is seen to be seated in Bhadrasana and in some cases in Padmasana like Parvati. The number of Sthanaka Ganesh is rare in Orissa. This type of images were carved in the ninth century A.D. mostly installed by the Somavamsi rulers of Orissa. Among the three categories, the dancing Ganesh images surpass the other two forms in artistic excellence. This form of Ganesh became popular after the eleventh century A.D. Probably this style of Ganesh images were started by the same Somavamsi rulers of Odisha. From the above discussion, it can be said that Ganesh, who appeared on the temple walls of Orissa became very popular from 7th century A.D. till now. The day dedicated to the worship of Ganesh is known as Ganesh Chaturthi which is the fourth day in the light half of the month of Bhadrav.

*Pradeep Kumar Gan is an ICHR Fellow in the P.G. Department of Ancient Indian History, Culture and Archaeology, Utkal University, Vani Vihar, Bhubaneswar- 751 004*

## ୧୦ ସଦସ୍ୟଙ୍କୁ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ଗଠିତ



ଡ. ଗିରିଶ ଚନ୍ଦ୍ର ମୁର୍ମୁ



ଡ. ଶିଦ୍ଧେଶ୍ୱର ମହାପାତ୍ର



ମଧୁସୂଦନ ସିଂହାରୀ



ଜଗନ୍ନାଥ ପୂଜାପଣ୍ଡା



କୃଷ୍ଣଚନ୍ଦ୍ର ସାମନ୍ତରାୟ



ରାମନାରାୟଣ ଗୋଛିକାର



ଗଣେଶ ଦାସମହାପାତ୍ର



ରଘୁବର ଦାସ ମହାରାଜ



ଅରୁଣ କୁମାର ସାବତ



ମହେଶ କୁମାର ସାହୁ

**ପୁରୀ:** ନୂତନ ଶ୍ରୀମନ୍ଦିର ପରିଚାଳନା କମିଟି ଗଠିତ ହୋଇଛି। ଏହି କମିଟିରେ ୧୦ ଜଣିଆ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଏହି କମିଟିରେ ସିଦ୍ଧେଶ୍ୱର ମହାପାତ୍ର, କୃଷ୍ଣଚନ୍ଦ୍ର ସାମନ୍ତରାୟ, ମଧୁସୂଦନ ସିଂଘାରୀ, ଜଗନ୍ନାଥ ପୂଜାପଣ୍ଡା, ଗଣେଶ ଦାସ ମହାପାତ୍ର, ରାମନାରାୟଣ ଗୋଛାୟତ, ରଘୁବୀର ଦାସ ମହାରାଜ, ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ, ଚାଟାର୍ଡ ଆକାଉଣ୍ଟାଣ୍ଟ ଅରୁଣ କୁମାର ସାବତ ଏବଂ ମହେଶ କୁମାର ସାହୁ ସ୍ଥାନ ପାଇଛନ୍ତି । ସୂଚନାଯୋଗ୍ୟ, ଶ୍ରୀମନ୍ଦିର ନୂତନ ପରିଚାଳନା କମିଟି ନିକଟରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଶ୍ରୀମନ୍ଦିରରେ ଶୃଙ୍ଖଳିତ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ଲାଗୁ କରିବା, ଶ୍ରୀଜୀଉଙ୍କ ସ୍ୱର୍ଣ୍ଣ ଅଳଙ୍କାରର ଗଣତି-ମଣତି କରିବା, ଶ୍ରୀଜୀଉଙ୍କ ନୀତିକାନ୍ତିରେ ଶୃଙ୍ଖଳା ଆଣିବା । ତା' ସହିତ ଭକ୍ତଙ୍କ ସୁରକ୍ଷା, ଶ୍ରୀମନ୍ଦିର ସୁରକ୍ଷା ସହ ଶ୍ରୀମନ୍ଦିର ଆଇନରେ ସଂଶୋଧନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସବୁର ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଭକ୍ତମାନେ ଆଶା ରଖିଛନ୍ତି।









ଶ୍ରୀ ଶ୍ରୀ ନିଳଗିରି ଚାର ଗଣେଶ ଗୁରୁଜ ଯାଗା ପଞ୍ଚାୟତ ପକ୍ଷରୁ ଅନୁଷ୍ଠିତ ଗଣପତି ମହୋତ୍ସବ ୨୦୨୫ ଅବସରରେ ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସାଂସଦ ଡ. ସମ୍ବିତ ପାତ୍ର ।

## ଗୁରୁଦତ୍ତ: ନୃତ୍ୟ ନିର୍ଦ୍ଦେଶକରୁ କିମ୍ବଦନ୍ତୀ ପ୍ରତିମ ଚଳଚ୍ଚିତ୍ର ନିର୍ମାତା

ଏବର୍ଷ ଜୁଲାଇ ୯ ତାରିଖରେ କିମ୍ବଦନ୍ତୀ ପ୍ରତୀମ ଚଳଚ୍ଚିତ୍ର ନିର୍ମାତା, ଲେଖକ, ପ୍ରଯୋଜକ ଓ ଅଭିନେତା ଗୁରୁଦତ୍ତଙ୍କର ଜନ୍ମ ଶତବାର୍ଷିକୀ ପୂର୍ତ୍ତୀ ହେଉଛି । ତାଙ୍କ ନିର୍ଦ୍ଦେଶିତ ଓ ଅଭିନୀତ 'ପ୍ୟାସା' ଏବଂ 'କାଗଜ କେ ଫୁଲ' ଧୃପଦୀ ଚଳଚ୍ଚିତ୍ର ଭାବରେ ସାରା ପୃଥିବୀରେ ମାନ୍ୟତାପ୍ରାପ୍ତ । ଗୁରୁଦତ୍ତଙ୍କର ପ୍ରକୃତ ନାଁ ଥିଲା ବସନ୍ତ କୁମାର ଶିବ ଶଙ୍କର ପଦୁକନ । ୧୯୨୫ ମସିହା ଜୁଲାଇ ୯ ତାରିଖରେ ଦକ୍ଷିଣ ଭାରତର ମହୀଶୂର (ଏବେ ତା'ର ନାଁ ହୋଇଛି ମାଇଶୁରୁ) ଜନ୍ମ ଗ୍ରହଣ କରନ୍ତି । କଲିକତାରେ ତାଙ୍କର ପ୍ରାଥମିକ ଶିକ୍ଷା । ପରେ ନୃତ୍ୟଗୁରୁ ଉଦୟଶଙ୍କରଙ୍କର ଅଧିନରେ ସେ ପ୍ରଶିକ୍ଷଣ ନିଅନ୍ତି । ଏହାପରେ ସେ ପ୍ରବେଶ କରନ୍ତି ପ୍ରଭାତ ଷ୍ଟୁଡିଓରେ । ଏଇଠି 'ହମ୍ ଏକ ହେ' (୧୯୪୬) ଚଳଚ୍ଚିତ୍ରରେ କୋରିଓଗ୍ରାଫର ଭାବରେ ସେ ପ୍ରଥମେ ସୁଯୋଗ ପାଆନ୍ତି । ଏ ଚଳଚ୍ଚିତ୍ରରେ ଅଭିନେତା ଭାବରେ ଆତ୍ମପ୍ରକାଶ କରନ୍ତି ଦେବାନନ୍ଦ । ଏଇଠୁ ବନ୍ଧୁତ୍ୱ । ଦେବାନନ୍ଦ ସେତେବେଳକୁ ତାରକା ଏବଂ ନିଜର ପ୍ରଯୋଜନା ସଂସ୍ଥା ନବକେତନ ଆରମ୍ଭ କରିଛନ୍ତି । ଦେବାନନ୍ଦ ତାଙ୍କୁ ଆମନ୍ତ୍ରଣ କଲେ 'ବାଜି' ଚଳଚ୍ଚିତ୍ର ପରିଚାଳନା କରିବାପାଇଁ । ୧୯୫୧ରେ ପରିଚାଳକ ଭାବରେ ଗୁରୁଦତ୍ତଙ୍କର ପ୍ରଥମ ଚଳଚ୍ଚିତ୍ର 'ବାଜି' ମୁକ୍ତିଲାଭ କରେ । ଏଥିରେ ଅଭିନୟ କରନ୍ତି ଦେବାନନ୍ଦ, ଗୀତାବାଲୀ ଓ କଲ୍ୟାଣୀ କାର୍ତ୍ତିକ । ଏ ଚଳଚ୍ଚିତ୍ରଟି ଭାରତରେ ସହରୀ ଅପରାଧଭିତ୍ତିକ ଚଳଚ୍ଚିତ୍ର (ଅର୍ବାନ ଥ୍ରୀଲର)ର ପଥ ପ୍ରଦର୍ଶକ ହିସାବରେ ବିବେଚିତ ହୁଏ । ଏ ଛବିର ଗୀତ ଗୁଡିକ ବିଶେଷକରି ଗୀତା ରାୟଙ୍କ କଣ୍ଠରେ ସେତେବେଳେ ଭାରି ଜନପ୍ରିୟ ହୋଇଥିଲା । ୧୯୫୩ ମସିହାରେ ମୁକ୍ତିଲାଭ କରେ 'ବାଜ' । ଏଥିରେ ଗୁରୁଦତ୍ତ ପ୍ରଥମ ଥର ପାଇଁ ପ୍ରଧାନ ଚରିତ୍ରରେ ଅଭିନୟ କରନ୍ତି । ପରିଚାଳନା ମଧ ସେ କରିଥିଲେ । ପରିଚାଳକ, ଅଭିନେତା, ପ୍ରଯୋଜକ ଭାବରେ ଗୁରୁଦତ୍ତ ଚଳଚ୍ଚିତ୍ର ନିର୍ମାଣର ପ୍ରତ୍ୟେକ ଦିଗରେ ଅସାଧାରଣ ନିୟନ୍ତ୍ରଣ ଥିଲା । ପ୍ରତିଭାବାନ ଲେଖକ ଯେମିତି ଅବ୍ରର ଅଲ୍ଲୀ, କିମ୍ବଦନ୍ତୀ ଚିତ୍ର ଉତ୍ତୋଳକ ଭି କେ ମୂର୍ତ୍ତି ଏବଂ ସୁରକାର ଏସ ଡି ବର୍ମନଙ୍କ ସହିତ ସେ ହିନ୍ଦୀ ସିନେମାର କାଳଜୟୀ କେତେଗୁଡିଏ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି । ତାଙ୍କ ଚଳଚ୍ଚିତ୍ରର ଭାଷା (ସିନେମାଟିକ୍ ଲାଙ୍ଗୁଏଜ୍) ଆଲୁଅ ଛାଇର ନାଟକୀୟ ବ୍ୟବହାର, ସମ୍ବେଦନଶୀଳ ଚିତ୍ର ଗ୍ରହଣ ଏବଂ ନିରବତାର ନାନ୍ଦନିକ ପ୍ରୟୋଗ ତାଙ୍କ ଚଳଚ୍ଚିତ୍ରକୁ ଏକ ଅମୂର୍ତ୍ତ୍ୟ ରୂପ ଦେଇଥାଏ । ୧୯୫୪ ମସିହାରେ ମୁକ୍ତିଲାଭ କଲା 'ଆରପାର' । ଏତେବେଳକୁ ଗୁରୁଦତ୍ତ ବମ୍ବେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ଶକ୍ତିଶାଳୀ ପରିଚାଳକ ଭାବରେ ପ୍ରତିଷ୍ଠିତ ହୁଅନ୍ତି । ଏହାପରେ ତାଙ୍କର କେତେଗୁଡିଏ ଚମତ୍କାର ଚଳଚ୍ଚିତ୍ର ମୁକ୍ତିଲାଭ କରେ ଯେମିତି 'ମିଷ୍ଟର ଆଣ୍ଡ ମିସେସ୍ ୫୫', 'ପ୍ୟାସା' ଏବଂ 'କାଗଜ କେ ଫୁଲ୍' । ବିଡମ୍ବନା ହେଲା 'କାଗଜ କେ ଫୁଲ୍' ବକ୍ସ ଅଫିସରେ ବ୍ୟର୍ଥ ହେଲା ଏବଂ ଏଥିପାଇଁ ସେ ଗଭୀର ଭାବରେ ହତାଶ ହେଲେ ଏବଂ ତା ପରଠୁ ଆଉ ଚଳଚ୍ଚତ୍ର ପରିଚାଳନା କରିନାହାନ୍ତି । କିନ୍ତୁ ଏହାପରେ ବି ସେ ପ୍ରଯୋଜନା ଏବଂ ଅଭିନୟ କରୁଥିଲେ । ୧୯୬୦ ରେ ତାଙ୍କ ପ୍ରଯୋଜିତ 'ଚୌଦବିଇଁ କେ ଚାନ୍ଦ' (୧୯୬୦) ଖୁବ ଜନପ୍ରିୟତା ହାସଲ କରିଥିଲା । ଏହାର ନିର୍ଦ୍ଦେଶକ ଥିଲେ ଏମ ସାଦିକ । 'ସାହେବ ବିବି ଔର ଗୋଲାମ' (୧୯୬୨) ଚଳଚ୍ଚିତ୍ରରେ ଯଦିଓ ପରିଚାଳକ ଭାବରେ ଅବ୍ରର ଅଲଭିଙ୍କ ନାଁ ରହିଛି କିନ୍ତୁ ଏ ଚଳଚ୍ଚତ୍ରରେ ଗୁରୁଦତ୍ତଙ୍କର ଛାପ ସ୍ପଷ୍ଟଭାବେ ବିଦ୍ୟମାନ । ଏ ଚଳଚ୍ଚତ୍ରଟି ରାଷ୍ଟ୍ରପତିଙ୍କର ରୌପ୍ୟ ପଦକ ଲାଭ କରିଥିଲା । ୧୯୬୪ରେ ଗୁରୁ ଦତ୍ତ ତାଙ୍କ ଜୀବନର ଶେଷ ଚଳଚ୍ଚିତ୍ରଟି କରିଥିଲେ । ନାଁ ଥିଲା: 'ସାନଜ ଔର ସବେରା' । ନାୟିକା ଥିଲେ ମିନାକୁମାରୀ । ନିର୍ଦ୍ଦେଶକ: ହୃଷିକେଶ ମୁଖାର୍ଜୀ ।



ମୃଣାଳ ଚାଟାର୍ଜୀ

ଚଳଚ୍ଚିତ୍ର ଜଗତରେ ସେ ସଫଳ ହୋଇକିନ୍ତୁ ତାଙ୍କ ବ୍ୟକ୍ତିଗତ ଜୀବନରେ ନାନା ଝଡ଼ଝଞ୍ଜା। ଲାଗିରହିଥିଲା । ତା ସହିତ ସେ ଖୁବ ବିଶୃଙ୍ଖଳ ଜୀବନ ଜିଉଁଥିଲେ । ୧୯୬୪ ବେଳକୁ ତାଙ୍କର ପତ୍ନୀ ଗୀତା(୧୯୫୩ରେ ସେମାନଙ୍କର ବିବାହ ହୋଇଥିଲା)ଙ୍କ ସହିତ ତାଙ୍କର ବିବାହ ବିଚ୍ଛେଦ ହୋଇ ସାରିଥିଲା ଏବଂ ସେ ଏକୁଟିଆ ରହୁଥିଲେ । ୧୯୬୪ ଅକ୍ଟୋବର ୧୦ ତାରିଖରେ ତାଙ୍କର ଦେହାନ୍ତ ହୁଏ । ସେତେବେଳକୁ ତାଙ୍କର ବୟସ ଥିଲା ୩୯ । ଗୁରୁଦତ୍ତ ଭାରତୀୟ ଚଳଚ୍ଚିତ୍ର ଇତିହାସର ଅନ୍ୟତମ ପ୍ରଭାବଶାଳୀ ଏବଂ ସ୍ମରଣୀୟ ବ୍ୟକ୍ତିତ୍ୱ ଭାବରେ ଚିହ୍ନିତ । ସେ ଏମିତି ଜଣେ ଶିଳ୍ପୀ ଯିଏ ବାଣିଜ୍ୟିକ ସୀମା ଡେଇଁ ମାନବ ମନସ୍ତତ୍ତ୍ୱର ଜଟିଳତା ଏବଂ ଗଭୀରତା ଅନୁସନ୍ଧାନରେ ତାଙ୍କ ଚଳଚ୍ଚିତ୍ର ବ୍ୟବହାର କରିଛନ୍ତି । ତାଙ୍କ ସିନେମାଗୁଡିକରେ ଥାଏ ଗଭୀର ଆତ୍ମ ବିଶ୍ଳେଷଣ ଏବଂ କାବ୍ୟିକ ସମ୍ବେଦନଶୀଳତା ଯେଉଁଠି ଅପୂର୍ଣ୍ଣ ଆକାଂକ୍ଷା ହତାଶା ଓ ସୃଷ୍ଟିଶୀଳ ଆତ୍ମାର ନିଃସଙ୍ଗତା ଚଳଚ୍ଚିତ୍ରର କେନ୍ଦ୍ରରେ ଥାଏ । ଯେତେବେଳେ ମୂଳଧାରାର ଚଳଚ୍ଚିତ୍ର ଥିଲା ନିର୍ଦ୍ଦିଷ୍ଟ ଏକ ଗଣ୍ଡିରେ ବନ୍ଧା ସେତେବେଳେ ଗୁରୁଦତ୍ତ ସାହସିକତାର ସହିତ କାବ୍ରିକତା ଓ ରାଜନୀତି ବ୍ୟକ୍ତିଗତ ସାର୍ବଜନୀନ ଚେତନାର ସମିଶ୍ରଣ ଘଟାନ୍ତି । ତାଙ୍କ ଜୀବନ ଅକାଳରେ ଶେଷ ହୋଇଯାଇଥିଲା । ମୃତ୍ୟୁବେଳେ ସେ 'ଲଭ ଆଣ୍ଡ ଗଡ' ଏବଂ ନିଜ ପ୍ରଯୋଜନାରେ 'ବାହାରେ ଫିରଭି ଆଏଙ୍ଗି' ଚଳଚ୍ଚିତ୍ରରେ ଅଭିନୟ କରୁଥିଲେ । ଏ ଦୁଇଟିଯାକ ଚଳଚ୍ଚିତ୍ର ପରେ ଅନ୍ୟ ଅଭିନେତାମାନେ (ଯଥାକ୍ରମେ ସଂଜୀବ କୁମାର ଏବଂ ଧର୍ମେନ୍ଦ୍ର) ସଂପୂର୍ଣ୍ଣ କରନ୍ତି । ତାଙ୍କ ଚଳଚ୍ଚିତ୍ର ସମୂହ ଆଜି ବି ବିଶ୍ୱବ୍ୟାପି ଅଧ୍ୟୟନର ବିଷୟ । ଗୁରୁଦତ୍ତଙ୍କର ଚଳଚ୍ଚିତ୍ର କେବଳ ସମୟକୁ ଅତିକ୍ରମ କରିନି ବରଂ ସମୟ ସହିତ ଆହୁରି ଗଭୀର ହେଇଛି । ତାଙ୍କ ଶିଳ୍ପକର୍ମ ଆଜି ବି ଆମ ହୃଦୟକୁ ସ୍ପର୍ଶ କରେ ଏବଂ ପ୍ରତିଟି ପ୍ରଜନ୍ମ ପାଖରେ ନୂଆହେଇ ଧରାଦିଏ ।

*Regional Director, IIMC*
*Sanchar Marg, Dhenkanal*
*www.mrinalchatterjee.com*
*91 94370 26194 | 91 6762 226194/5*

## ପୁରୀକୁ ସୁରକ୍ଷା, ଶାନ୍ତି ଓ ଆଇନଶୃଙ୍ଖଳା ପ୍ରତି ଆମର ପ୍ରତିବଦ୍ଧତା ଅଟଳ: ପ୍ରତୀକ ସିଂହ




**ପୁରୀ:** ଜିଲ୍ଲା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ପ୍ରତୀକ ସିଂ, ଆଇପିଏସ୍‌ଙ୍କ ଅଧ୍ୟକ୍ଷତାରେ ପ୍ରଥମ ଦିନରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟ କନ୍ଫରେନ୍ସ ହଲ୍‌ରେ ଏକ ବିସ୍ତୃତ ସମୀକ୍ଷା ହୋଇଥିଲା। ଏଥିରେ ଅତିରିକ୍ତ ଏସ୍ପି ସୁଶୀଲ ମିଶ୍ର, ଅତିରିକ୍ତ ଏସ୍ପି ଦେବୀ ଶଙ୍କର ପ୍ରତାପ, ଅତିରିକ୍ତ ଏସ୍ପି ସଚିନ ପଟେଲ, ପୁରୀ ଜିଲ୍ଲାର ପୁରୀ ଜିଲ୍ଲାର ସମସ୍ତ ଡିଏସ୍‌ପିମାନେ ଓ ସମସ୍ତ ଥାନାର ଥାନାଅଧିକାରୀମାନେ ଯୋଗଦେଇଥିଲେ। ଆଲୋଚନାରେ ମୁଖ୍ୟ ପ୍ରସଙ୍ଗଗୁଡ଼ିକ ଶ୍ରୀଜଗନ୍ନାଥ ମନ୍ଦିର ସୁରକ୍ଷା, ଆଗାମୀ ପର୍ବପର୍ବାଣୀ ଏବଂ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ପାଇଁ ସବୁଠାରୁ ବିଶେଷ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ହାବିଚୁଆଲ୍ ଅଫେଣ୍ଡରମାନଙ୍କ ତାଲିକାକୁ ପୁନର୍ବୀକ୍ଷଣ କରି ସେମାନଙ୍କୁ କଡା ନଜରୀରେ ରଖାଯିବ। ପକେଟ୍‌ମାର ଓ ଅନ୍ୟାନ୍ୟ ଅପରାଧୀମାନଙ୍କୁ ସତର୍କ କରାଯିବ। ନାର୍କୋଟିକ୍ସ କଣ୍ଟ୍ରୋଲ୍ ଉପରେ ମଧ ଗୁରୁତ୍ୱ ଦିଆଯାଇଛି ଯେମିତିକି ଗଞ୍ଜେଇ, ବ୍ରାଉନ ସୁଗର ଓ ଅନ୍ୟାନ୍ୟ ନିଷିଦ୍ଧ ଦ୍ରବ୍ୟ ବ୍ୟାପାରୀମାନଙ୍କୁ ଚିହ୍ନଟ କରିବା ସହ ଧରିବା ପାଇଁ ଥାନା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପର୍ବପର୍ବାଣୀରେ ଭିଡ଼ ପରିଚାଳନା, ଯାତାୟାତ ସୁବିଧା, ଓ ଆଇନଶୃଙ୍ଖଳା ପାଳନ କରିବା ପାଇଁ ସୁନିଶ୍ଚିତ ଯୋଜନା କରାଯିବ। ପୁରୀକୁ ସୁରକ୍ଷା, ଶାନ୍ତି ଓ ଆଇନଶୃଙ୍ଖଳା ପ୍ରତି ଆମର ପ୍ରତିବଦ୍ଧତା ଅଟଳ ବୋଲି ଆଇପିଏସ୍ ପ୍ରତୀକ ସିଂହ ସୂଚନା ଦେଇଛନ୍ତି।

## ନିର୍ମାଲ୍ୟ ପକ୍ଷରୁ ପରିଚାଳନା କମିଟି ସଭ୍ୟଙ୍କୁ ଉଚ୍ଛ୍ୱସିତ ନାଗରିକ ସମ୍ବର୍ଦ୍ଧନା



**ପୁରୀ:** ସରକାରଙ୍କ ଦ୍ୱାରା ମନୋନୀତ ଶ୍ରୀମନ୍ଦିର ପରିଚାଳନା କମିଟି ଏଣିକି ଭକ୍ତ ଓ ଭଗବାନଙ୍କ କଥା କହିବ ବୋଲି ଆଜି ନୂଆ ପରିଚାଳନା କମିଟି ସଦସ୍ୟ ଘୋଷଣା କରିଛନ୍ତି। ଓଡ଼ିଶା ର ଅନନ୍ୟ ଅନୁଷ୍ଠାନ ନିର୍ମାଲ୍ୟ ପକ୍ଷରୁ ହୋଟେଲ ହଲିଡେ ରିସୋର୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ନାଗରିକ ସମ୍ବର୍ଦ୍ଧନା ରେ ଯୋଗଦାନ କରି ସଦସ୍ୟମାନେ, ବୟାଳିଶଟି ଅନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ଠାକୁରଙ୍କ ଶୃଙ୍ଖଳିତ ନୀତି ସଂପାଦନ, ଭକ୍ତମାନଙ୍କ ସୁଗମ ଧାଡ଼ି ଦର୍ଶନ, ଜଗନ୍ନାଥ ସଂସ୍କୃତି ର ବ୍ୟାପକ ପ୍ରଚାର ପ୍ରସାର, ଭୂସଂପତ୍ତି ସମସ୍ୟା ର ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ, ସେବାୟତ କଲ୍ୟାଣ ପାଇଁ ତୁରନ୍ତ ଗୁରୁକୁଳ ପ୍ରତିଷ୍ଠା, ସେବାୟତମାନଙ୍କ ଆର୍ଥିକ ଅଭିବୃଦ୍ଧି, ଶ୍ରୀମନ୍ଦିର ରେ ମୋବାଇଲ, କ୍ୟାମେରା ସମେତ ଡ୍ରୋନ ଉଡାଣ ଓ ଠାକୁରଙ୍କ ନାମରେ ଫେକ୍ ବ୍ୟବସାୟୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ବିଶେଷକରି ପୁରୀ ବାସିନ୍ଦାଙ୍କ ପାଇଁ ଦର୍ଶନ ର ସ୍ୱତନ୍ତ୍ର ସୁବିଧା ଭଳି ପ୍ରସ୍ତାବ କୁ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ସଂସ୍କୃତିମନ୍ତ୍ରୀ ଠାରେ ପହଞ୍ଚାଇବା ସହ ପରିଚାଳନା କମିଟି ରେ ଉପସ୍ଥାପନା କରିବେ ବୋଲି ଘୋଷଣା କରିଥିଲେ। ନିର୍ମାଲ୍ୟର ସଭାପତି ଡକ୍ଟର ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଓ ନିର୍ମାଲ୍ୟ ସଂପାଦକ ଡକ୍ଟର ବିଶ୍ୱନାଥ ମିଶ୍ରଙ୍କ ପରିଚାଳନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପରିଚାଳନା କମିଟି ସଦସ୍ୟ ପଣ୍ଡିତ ସିଦ୍ଧେଶ୍ୱର ମହାପାତ୍ର, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ,ମଧୁସୂଦନ ସିଂହାରୀ, କୃଷ୍ଣଚନ୍ଦ୍ର ସାମନ୍ତରା, ରାମନାରାୟଣ ଗୋଛିକାର,ଗଣେଷ ଦାସମହାପାତ୍ର, ମହନ୍ତ ରଘୁବୀର ଦାସ ଓ ମହେଶ କୁମାର ସାହୁଙ୍କୁ ନିର୍ମାଲ୍ୟ ସମେତ ପୁରୀ ର ଭୂସଂପତ୍ତି ସୁରକ୍ଷା ସଂଗଠନ, ପୁରୀ ବାର ଆସୋସିଏସନ, ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ହୋଟେଲ ଆସୋସିଏସନ୍ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ମିଶନ ଓଡ଼ିଶା, ଭଏସ ଅଫ୍ କମନଓ୍ୱନ, ଦି ବେଲ୍, ଶ୍ରୀଶ୍ରୀ ଶ୍ରୀକ୍ଷେତ୍ର ସୂଚନା, ଜାଗାଆଖଡା ଅନୁଷ୍ଠାନ, ପୁରୀ କ୍ଲବ, ରୋଟାରୀ କ୍ଲବ, ଆପଣଙ୍କ ସେବାରେ, ଭକ୍ତି ନିର୍ମାଲ୍ୟ, ଅଭିନନ୍ଦନିକା, ସମର୍ପଣ, ଅନୁଷ୍ଠାନ ଆମର, ଅନ୍ନପୂର୍ଣ୍ଣା ରଂଗମଞ୍ଚ, ସମେତ ପୁଷ୍କର ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ଜଗନ୍ନାଥ ଦାସ ମହାପାତ୍ର, ସିଦ୍ଧାର୍ଥ ରାୟ, ସୁକାନ୍ତ ପଣ୍ଡା, ପରିବେଶବିତ୍ ଅଜୟ ପ୍ରଧାନ, ଜ୍ୟୋତି ପ୍ରକାଶ ମହାପାତ୍ର ନାଟ୍ୟ ନିର୍ଦ୍ଦେଶକ ବିଶ୍ୱନାଥ ମହାପାତ୍ର, ଡକ୍ଟର ସୁଶାନ୍ତ ଶତପଥୀ, ଶିବରାମ ପ୍ରଧାନ,ପଣ୍ଡିତ ଚକ୍ରଧର କର,.ଭରତ ନାୟକ,.ରାଜେଶ୍ ମହାନ୍ତି, ବିଶ୍ୱରଞ୍ଜନ ପତି, ପ୍ରିୟରଞ୍ଜନ ରଥ,ରୁଦ୍ରପ୍ରସାଦ ମିଶ୍ର., ଦୁଷ୍ମନ୍ତ ସାହୁ,ସରୋଜ ଜେନା.ପ୍ରମୁଖ ଉପଢ଼ୌକନ, ପ୍ରଶଂସାପତ୍ର ଓ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ର ଶିକ୍ଷାବିତ୍ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ପୁରୀ ହୋଟେଲ ଆସୋସିଏସନ୍ ର ସଂପାଦକ ରାଜକିଶୋର ପାତ୍ର ଯୋଗଦେଇ ଶ୍ରୀମନ୍ଦିର ର ସୁରକ୍ଷା ଓ ବିକାଶ, ସେବାୟତ କଲ୍ୟାଣ ଓ ଭକ୍ତ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଶ୍ୟାମପ୍ରକାଶ ସେନାପତି ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ହେକ୍ଟର ମିଶ୍ର। ଏଥିରେ କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ର ଭକ୍ତି ସଂଗୀତ ପରିବେଷଣ କରିଥିବା ବେଳେ, ପରିଚାଳନା ରେ ସହଯୋଗ କରିଥିଲେ ତାପସ ନାୟକ, ଶୁଭେନ୍ଦୁ ତ୍ରିପାଠୀ ଓ ସିଲୁ ପଣ୍ଡା।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୋଗଦେଲେ ପ୍ରଧାନମନ୍ତ୍ରୀ...

ଆତଙ୍କବାଦୀ ଆକ୍ରମଣ ପରେ ସଦସ୍ୟ ଦେଶମାନଙ୍କୁ ଦୃଢ଼ ଏକତା ପାଇଁ ଧନ୍ୟବାଦ ଜଣାଇ ସେ ଆତଙ୍କବାଦ ମୁକାବିଲା କରିବାରେ କୌଣସି ଦ୍ୱୈତ ମାନଦଣ୍ଡ ରହିବା ଉଚିତ୍ ନୁହେଁ ବୋଲି ଗୁରୁତ୍ୱାରୋପ କରିଥିଲେ। ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଏବଂ ସମର୍ଥନ କରୁଥିବା ଦେଶଗୁଡ଼ିକୁ ଉତ୍ତରଦାୟୀ କରିବା ଲାଗି ସେ ଜୋର ଦେଇଥିଲେ। ବିକାଶ ଏବଂ ବିଶ୍ୱାସକୁ ପ୍ରୋତ୍ସାହିତ କରିବାରେ ଯୋଗାଯୋଗର ଭୂମିକା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ଚାବାହାର ବନ୍ଦର ଏବଂ ଅନ୍ତର୍ଜାତୀୟ ଉତ୍ତର-ଦକ୍ଷିଣ ପରିବହନ କରିଡର ଭଳି ପ୍ରକଳ୍ପଗୁଡ଼ିକୁ ଦୃଢ଼ ଭାବରେ ସମର୍ଥନ କରେ। ସେ ଷ୍ଟାର୍ଟ-ଅପ୍, ନବସୃଜନ, ଯୁବ ସଶକ୍ତିକରଣ ଏବଂ ସହଭାଗୀ ଐତିହ୍ୟ କ୍ଷେତ୍ରରେ ସୁଯୋଗ ବିଷୟରେ ମଧ୍ୟ କହିଥିଲେ, ଯାହାକୁ ଏସସିଓ ଢାଞ୍ଚା ଅଧୀନରେ ଆଗକୁ ବଢ଼ାଇବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ଲୋକମାନଙ୍କ ମଧ୍ୟରେ ଉନ୍ନତ ସମ୍ପର୍କ ଏବଂ ସାଂସ୍କୃତିକ ବୁଝାମଣାକୁ ବଢ଼ାଇବା ଲାଗି ଏହି ରାଷ୍ଟ୍ରଗୋଷ୍ଠୀ ମଧ୍ୟରେ ସଭ୍ୟତାଗତ ଆଲୋଚନା ମଞ୍ଚ ଆରମ୍ଭ କରିବାକୁ ପ୍ରସ୍ତାବ ରଖିଥିଲେ। ପ୍ରଧାନମନ୍ତ୍ରୀ ଗୋଷ୍ଠୀର ସଂସ୍କାର-ମୁଖୀ ଏଜେଣ୍ଡା ପ୍ରତି ସମର୍ଥନ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ, ସେ ସଂଗଠିତ ଅପରାଧ, ନିଶାଦ୍ରବ୍ୟ ଚାଲାଣ ଏବଂ ସାଇବର ସୁରକ୍ଷା ମୁକାବିଲା ପାଇଁ କେନ୍ଦ୍ର ପ୍ରତିଷ୍ଠାକୁ ସ୍ୱାଗତ କରିଥିଲେ। ସେ ଜାତିସଂଘ ସମେତ ବହୁପାକ୍ଷିକ ପ୍ରତିଷ୍ଠାନଗୁଡ଼ିକୁ ସଂସ୍କାର ଆଣିବା ପାଇଁ ରାଷ୍ଟ୍ରଗୋଷ୍ଠୀ ଦ୍ୱାରା ସମାନ ଆଭିମୁଖ୍ୟ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ତାଙ୍କର ଉଦାର ଆତିଥ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଶିଖର ସମ୍ମିଳନୀର ସଫଳ ଆୟୋଜନ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ ଏସସିଓର ପରବର୍ତ୍ତୀ ସଭାପତିତ୍ୱ ଗ୍ରହଣ କରିବା ପାଇଁ କିର୍ଗିଜସ୍ତାନକୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ। ଶିଖର ସମ୍ମିଳନୀର ଶେଷରେ, ଏସସିଓ ସଦସ୍ୟ ଦେଶଗୁଡ଼ିକ ତିଆନଜିନ୍ ଘୋଷଣାନାମାକୁ ଗ୍ରହଣ କରିଥିଲେ।

### ୧୫ତମ ଉପରାଷ୍ଟ୍ରପତି

ଏହି ନିର୍ବାଚନରେ ୧୫୨ ଭୋଟ ବ୍ୟବଧାନରେ ଜିତିଥିଲେ। ତାମିଲନାଡୁରେ ଜନ୍ମଗ୍ରହଣ କରିଥିବା ଶ୍ରୀ ରାଧାକ୍ରିଷ୍ଣନ ଗତ ବର୍ଷ ଜୁଲାଇ ୩୧ ତାରିଖରେ ମହାରାଷ୍ଟ୍ରର ରାଜ୍ୟପାଳଭାବେ ଶପଥ ନେଇଥିଲେ। ତାପୂର୍ବରୁ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଥିଲେ । ସେ ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ତାମିଲନାଡୁ ବିଜେପି ସଭାପତି ଥିଲେ।

### କୋଟି କୋଟି ଶ୍ରୀଜଗନ୍ନାଥ...

ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଉପସ୍ଥାପନ ହେବା ସହ ଅନୁମୋଦନ ଲାଭ କରିଅଛି। ସମ୍ପୃକ୍ତ ସନ୍ଦର୍ଭକୁ ଗଜପତି ମହାରାଜାଙ୍କ ଚିଠି ସହିତ ଆଜି ବିଧିବଦ୍ଧ ଭାବେ ଇସ୍କନର ଅନ୍ତର୍ଜାତୀୟ ଗଭର୍ଣ୍ଣିଂ ବଡି କମିସନ, ମାୟାପୁର, ପଶ୍ଚିମବଙ୍ଗର ଅଧ୍ୟକ୍ଷଙ୍କ ନିକଟକୁ ପ୍ରେରଣ କରାଯାଇଅଛି । ଇସ୍କନ କର୍ତ୍ତୃପକ୍ଷଙ୍କୁ ବିନମ୍ରତାର ସହ ଏହା ସ୍ପଷ୍ଟ କରାଯାଉଅଛି ଯେ, ପ୍ରଭୁ ଶ୍ରୀକୃଷ୍ଣ ଶ୍ରୀରାମ, ଶ୍ରୀଗଣେଶଙ୍କ ଜନ୍ମଦିନ ଶାସ୍ତ୍ର ସମ୍ମତ ତିଥ୍ୟରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଶ୍ରୀରାମ ନବମୀ, ଶ୍ରୀଗଣେଶ ଚତୁର୍ଥୀରେ ହିଁ ପାଳିତ ହୋଇଥାଏ । ଏଥିରେ ତ ଇସ୍କନ ପକ୍ଷରୁ ବ୍ୟତିକ୍ରମ ହୋଇ ନଥାଏ ? ତେଣୁ ଅନନ୍ତକୋଟି ବ୍ରହ୍ମାଣ୍ଡନାଥ ଶ୍ରୀଜଗନ୍ନାଥଙ୍କ ଜନ୍ମଦିନ (ସ୍ନାନଯାତ୍ରା) ଭିନ୍ନ ତିଥ୍ୟରେ ପାଳନ କରାଯିବା ନେଇ ଇସ୍କନର ଯୁକ୍ତି କଦାପି ଗ୍ରହଣୀୟ ନୁହେଁ । ସେହିପରି, ସନାତନ ବୈଦିକ ଧର୍ମର ଅନ୍ୟ ପର୍ବପର୍ବାଣୀ ଯଥା, ମହାଶିବରାତ୍ରୀ, ହୋଲି, ଦୀପାବଳୀ, ଦୁର୍ଗାପୂଜା (ନବରାତ୍ର), ଦଶହରା, ବସନ୍ତ ପଞ୍ଚମୀ, ମକର ସଂକ୍ରାନ୍ତି, ଗୁରୁ ପୂର୍ଣ୍ଣିମା ମଧ୍ୟ ସମଗ୍ର ବିଶ୍ୱରେ ଗୋଟିଏ ନିର୍ଦ୍ଦିଷ୍ଟ ଶାସ୍ତ୍ର ସମ୍ମତ ତିଥ୍ୟରେ ପାଳନ ହୋଇଥାଏ । ଏହି ସମ୍ବେଦନଶୀଳ ପ୍ରସଙ୍ଗରେ, ଆଲୋଚନା ତଥା ପର୍ଯ୍ୟାଲୋଚନା ପ୍ରକ୍ରିୟା ଚାଲିଥିବା ବେଳେ ଚଳିତ ବର୍ଷ (୨୦୨୫),ରେ ପୁଣିଥରେ ଇସ୍କନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦେଶ ତଥା ବିଦେଶରେ ପ୍ରାୟ ୪୦ଟି ଇସ୍କନ ମନ୍ଦିରରେ ଭିନ୍ନ ଭିନ୍ନ ତିଥ୍ୟରେ,ଏପରିକି ସେପଟେମ୍ବର ମାସ ପର୍ଯ୍ୟନ୍ତ ବି, ଶାସ୍ତ୍ର ତଥା ପରମ୍ପରା ଉଲଂଘନ କରି, ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଳନ କରୁଥିବା ଦୃଷ୍ଟିକୁ ଆସିଅଛି। ସେହିପରି ଉପଲବ୍ଧ ତଥ୍ୟ ଆଧାରରେ, ବିଦେଶରେ ୮ ଟି ଇସ୍କନ ମନ୍ଦିର ସମସ୍ତ ଶାସ୍ତ୍ର ତଥା ପରମ୍ପରାକୁ ଉଲଂଘନ କରି ଏବର୍ଷ ରଥଯାତ୍ରା ପାଳନ କରିଛନ୍ତି। ଶାସ୍ତ୍ର ତଥା ପରମ୍ପରା ବିରୋଧୀ ଇସ୍କନର ଏହି କାର୍ଯ୍ୟକୁ ପରମପୂଜ୍ୟ ଶ୍ରୀମଦ୍ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମଧ୍ୟ ଘୋର ନିନ୍ଦା କରିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରା ଏବଂ ରଥଯାତ୍ରା ପାଳନ କରିବାରେ ଇସ୍କନ କର୍ତ୍ତୃପକ୍ଷ ବାରମ୍ବାର ଶାସ୍ତ୍ର ଏବଂ ପରମ୍ପାରକୁ ଅମାନ୍ୟ ତଥା ଅସମ୍ମାନ କରିବା ସମଗ୍ର ବିଶ୍ୱର କୋଟି କୋଟି ଶ୍ରୀଜଗନ୍ନାଥ ପ୍ରେମୀଙ୍କ ଧର୍ମୀୟ ଭାବନାକୁ କୁଠାରଘାତ କରୁଅଛି । ଏ ଭଳି ପରିସ୍ଥିତିରେ, ଶାସ୍ତ୍ର ତଥା ପ୍ରଚଳିତ ପରମ୍ପରା ଅନୁସାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଯାତ୍ରା ସମସ୍ତ ଇସ୍କନ ମନ୍ଦିର ତଥା କେନ୍ଦ୍ରରେ ପାଳନ କରିବାକୁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ (ଏକ ମାସ ମଧ୍ୟରେ) ଇସ୍କନର ଗଭର୍ଣ୍ଣିଂ ବଡି କମିସନ (ମାୟାପୁର)ଙ୍କୁ ପୁଣିଥରେ ଆମ୍ଭେ ସାଦର ଅନୁରୋଧ କରୁଅଛୁ।

## ୭୮ତମ ସ୍ୱାଧୀନତା ଦିବସ ଅଭିଭାଷଣ ରଖିଲେ ପ୍ରଧାନମନ୍ତ୍ରୀ ମୋଦୀ



ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ୭୮ତମ ସ୍ୱାଧୀନତା ଦିବସ ଅଭିଭାଷଣରେ ଭାରତର ଅଭିବୃଦ୍ଧିକୁ ଆକାର ଦେବା, ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ନେତା ଭାବରେ ଦେଶକୁ ଅବସ୍ଥାପିତ କରିବା ଉଦ୍ଦେଶ୍ୟରେ ଅନେକ ଭବିଷ୍ୟତ ଉନ୍ମୁଖ ଲକ୍ଷ୍ୟ ବିଷୟରେ ଉଲ୍ଲେଖ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ପ୍ରମୁଖ ବିନ୍ଦୁଗୁଡ଼ିକ ହେଲା: ସହଜ ଜୀବନଧାରଣ ମିଶନ: ମିଶନ ମୋଡରେ 'ଇଜ୍ ଅଫ୍ ଲିଭିଂ' (ସହଜ ଜୀବନ ଧାରଣ)କୁ ସାକାର କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ସ୍ୱପ୍ନ ବିଷୟରେ କହିଛନ୍ତି । ଶୃଙ୍ଖଳିତ ଆକଳନ ଏବଂ ଭିତ୍ତିଭୂମି ଓ ସେବାରେ ଉନ୍ନତି ମାଧ୍ୟମରେ ସହରାଞ୍ଚଳରେ ଜୀବନଧାରଣର ଗୁଣବତ୍ତାରେ ସୁଧାର କରିବାକୁ ସେ କହିଥିଲେ। ମେଡ୍ ଇନ୍ ଇଣ୍ଡିଆ ଚିପ୍-ସେମିକଣ୍ଡକ୍ଟର ଉତ୍ପାଦନ : ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ବୈଷୟିକ ଆତ୍ମନିର୍ଭରଶୀଳତା ବୃଦ୍ଧି କରିବା ଲକ୍ଷ୍ୟରେ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ହେବା ପାଇଁ ଭାରତର ପ୍ରତିବଦ୍ଧତା ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀ ଦର୍ଶାଇଥିଲେ । ସ୍କିଲ୍ ଇଣ୍ଡିଆ : ବଜେଟ୍ ୨୦୨୪ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଭାରତର ଯୁବକମାନଙ୍କୁ ପ୍ରଶିକ୍ଷଣ ଦେବା ଏବଂ ଦେଶକୁ ବିଶ୍ୱର ଦକ୍ଷତା ବିକାଶ ରାଜଧାନୀ ଭାବେ ସ୍ଥାପିତ କରିବା ପାଇଁ ସରକାର ଘୋଷଣା କରିଥିବା ଐତିହାସିକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଶିଳ୍ପ ଉତ୍ପାଦନ କେନ୍ଦ୍ର: ପ୍ରଧାନମନ୍ତ୍ରୀ ମୋଦୀ ଭାରତର ବିଶାଳ ସମ୍ବଳ ଏବଂ ଦକ୍ଷ ଶ୍ରମଶକ୍ତିର ଉପଯୋଗ କରି ଦେଶକୁ ଏକ ବିଶ୍ୱ ସ୍ତରୀୟ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖିଥିଲେ । ସୁସ୍ଥ ଭାରତ ମିଶନ: ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ କରିବାକୁ ହେଲେ ଭାରତକୁ ରାଷ୍ଟ୍ରୀୟ ପୋଷଣ ଅଭିଯାନର ଶୁଭାରମ୍ଭ ସହିତ ଆରମ୍ଭ ହୋଇଥିବା 'ସୁସ୍ଥ ଭାରତ' ପଥରେ ଆଗକୁ ବଢ଼ିବାକୁ ପଡ଼ିବ । ରାଜ୍ୟସ୍ତରୀୟ ନିବେଶ ପ୍ରତିଯୋଗିତା: ପୁଞ୍ଜିନିବେଶ ଆକୃଷ୍ଟ କରିବା, ସୁଶାସନର ପ୍ରତିଶ୍ରୁତି ଦେବା ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ବିଶ୍ୱାସ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରମାନେ ସ୍ପଷ୍ଟ ନୀତି ପ୍ରଣୟନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଗ୍ଲୋବାଲ ବେଞ୍ଚମାର୍କ ଭାବରେ ଭାରତୀୟ ମାନକ: ଗୁଣବତ୍ତା ପ୍ରତି ପ୍ରତିବଦ୍ଧତା ପାଇଁ ଭାରତର ସ୍ୱୀକୃତି ପାଇବାର ଆକାଂକ୍ଷା ଉପରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଭାରତୀୟ ମାନକ ଅନ୍ତର୍ଜାତୀୟ ମାନଦଣ୍ଡ ରେ ପରିଣତ ହେବାର ଇଚ୍ଛା ରଖିବା ଉଚିତ୍ । ରାଜନୀତିରେ ଯୁବପିଢ଼ିଙ୍କୁ ସାମିଲ କରିବା : ପ୍ରଧାନମନ୍ତ୍ରୀ ମୋଦୀ ୧ ଲକ୍ଷ ଯୁବକଙ୍କୁ ରାଜନୈତିକ ବ୍ୟବସ୍ଥାରେ ସାମିଲ କରିବା ପାଇଁ ଆହ୍ୱାନ ଦେଇଛନ୍ତି, ବିଶେଷକରି ଯେଉଁମାନଙ୍କ ପରିବାରରେ ରାଜନୀତିର କୌଣସି ଇତିହାସ ନାହିଁ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପରିବାରବାଦ ଏବଂ ଜାତିବାଦର କୁସଂସ୍କାର ବିରୋଧରେ ଲଢ଼ିବା ଏବଂ ଭାରତର ରାଜନୀତିରେ ନୂଆ ପିଢ଼ିକୁ ସାମିଲ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି ।

## ପୁରୀରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ



**ପୁରୀ:** କଷ୍ଟ ଲବ୍ଧ ସ୍ୱାଧୀନତାର ଉପଲବ୍ଧିକୁ ଧରି ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ।ଇତିହାସ କୁ ଭୁଲି ଗଲେ ଭବିଷ୍ୟତ ଅନ୍ଧାର ହୋଇ ଯିବ।୧୯୪୭ ମସିହା ଆଜିର ଦିନରେ ଅଗଣିତ ସତ୍ୟନିଷ୍ଠ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ପାଥେୟ କରି ଆମେ ପାଇଥିଲୁ ବହୁ ପ୍ରତିକ୍ଷିତ ସ୍ୱାଧୀନତା ।ସ୍ୱାଧୀନତା ର ମୂଲ୍ୟ କୁ ଅକ୍ଷୁର୍ଣ୍ଣ ରଖି ଶାନ୍ତି ଓ ପ୍ରଗତି ପଥରେ ଅଗ୍ରସର ହେବାକୁ ଆହ୍ୱାନ ଦେଇଛନ୍ତି ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।ଆଜି ପୂର୍ବାହ୍ନ ୯ ଘଟିକା ସମୟରେ ପୁରୀ ତାଳବଣିଆ ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ୭୯ ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜାତୀୟ ପତାକା ଉତ୍ତୋଳନ,ସମ୍ମିଳିତ ପାରେଡରେ ଅଭିବାଦନ ଗ୍ରହଣ କରି ଶ୍ରୀକ୍ଷେତ୍ର ପୁରୀ ବାସୀ ଙ୍କୁ ସ୍ୱାଧୀନତା ଦିବସ ର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଜାତିର ଜନକ ମହାତ୍ମାଗାନ୍ଧୀ ଙ୍କ ସମେତ ସମସ୍ତ ବରପୁତ୍ର ମାନଙ୍କୁ, ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଓ ଚାଖି ଖୁଣ୍ଟିଆ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଓଡିଶା ତିନି ଭାଗ ହୋଇ ରହିଥିଲା ।ଆମ ପୂର୍ବ ସୁରୀ ମାନଙ୍କ ଉଦ୍ୟମ ରେ ୧୯୩୬ରେ ପ୍ରଥମ ଭାଷା ଭିତ୍ତିକ ରାଜ୍ୟର ମାନ୍ୟତା ପାଇଲା ।ଆଜି ଭାରତର ସଫଳତା, କୃତିତ୍ୱ ଓ ମତାମତ ବିଶ୍ୱ ବାସୀ ଙ୍କୁ ପ୍ରଭାବିତ କରିବା ସହ ବିଭିନ୍ନ ବିଶ୍ୱ ମଞ୍ଚରେ ଆମ ଦେଶ ସମ୍ମାନିତ, ପ୍ରଶଂସିତ ଓ ଆଦୃତ ହୋଇଛି ।ଦେଶର ଅଭିବୃଦ୍ଧି ସହ ତାଳ ଦେଇ ଆମ ରାଜ୍ୟ ନିଜର ବିକାଶ ର ଯାତ୍ରା ଅବ୍ୟାହତ ରଖିଛି ।ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଯୋଗାଯୋଗ ଓ ପରିବହନ, ମହିଳା ସଶକ୍ତିକରଣ, ଶିଳ୍ପ, ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟନ, ଖାଦ୍ୟ ସୁରକ୍ଷା, ଯୁବ ସଶକ୍ତିକରଣ ଆଦି କ୍ଷେତ୍ରରେ ବ୍ୟାପକ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି ।ବିକାଶ ମୂଳକ ଯୋଜନା ସବୁ ଲୋକ ମତ ଆଧାର ରେ ନିଷ୍ପତ୍ତି ଗ୍ରହଣ କରାଯାଉଛି।

## ଗାନ୍ଧୀମାର୍ଗରେ ପତାକା ଉତ୍ତୋଳନ କଲେ ମୁଖ୍ୟମନ୍ତ୍ରୀ



### ଓଡ଼ିଆ ଅସ୍ମିତାକୁ ଆମ ସରକାର ଗୁରୁତ୍ୱ ଦେଉଛନ୍ତି

ଭାରତର ୭୯ତମ ସ୍ୱାଧୀନତା ଦିବସର ପାଳନ ଅବସରରେ ରାଜଧାନୀର ଗାନ୍ଧୀମାର୍ଗରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ଚିତ୍ତାକର୍ଷକ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଛନ୍ତି। ଭୁବନେଶ୍ୱର: ଭାରତର ୭୯ତମ ସ୍ୱାଧୀନତା ଦିବସର ପାଳନ ଅବସରରେ ରାଜଧାନୀର ଗାନ୍ଧୀମାର୍ଗରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ଚିତ୍ତାକର୍ଷକ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦବୋଧନ ଦେଇ ତାଙ୍କ ସରକାରର ବିଭିନ୍ନ ଉପଲବ୍ଧି ସଂପର୍କରେ ସୂଚନା ଦେଇଛନ୍ତି। ରାଜ୍ୟର ବିକାଶ ପାଇଁ ସରକାର ଖସଡ଼ା ପ୍ରସ୍ତୁତ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି କ୍ଷେତ୍ରରେ ବିକାଶ ପାଇଁ ଉଦ୍ୟମ ଜାରି ରହିଛି। ସରକାର ୭୦ ଓ ୭୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ବୟୋବନ୍ଦନା ଯୋଜନାରେ ୯୩୬ କୋଟି ଟଙ୍କାର ଚିକିତ୍ସା ସୁବିଧା ଯୋଗାଇଦିଆଯାଇଛି। ରାଜ୍ୟର ସବୁ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟର ବିଭିନ୍ନ ଫାର୍ମା କଂପାନି ପ୍ରତିଷ୍ଠା ହେବ। ଓଡ଼ିଶା ହେବା ଫାର୍ମା ହବ୍। ଯୁବବର୍ଗମାନଙ୍କୁ ସଶକ୍ତ କରିବା ଲାଗି ବିଭିନ୍ନ ଯୋଜନା କରିଛନ୍ତି। ଭୁବନେଶ୍ୱରରେ ଜନ ଆଶ୍ରୟ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଓଡ଼ିଆ ଅସ୍ମିତାକୁ ଆମ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦବୋଧନ ଦେଇ ତାଙ୍କ ସରକାରର ବିଭିନ୍ନ ଉପଲବ୍ଧି ସଂପର୍କରେ ସୂଚନା ଦେଇଛନ୍ତି। ରାଜ୍ୟର ବିକାଶ ପାଇଁ ସରକାର ଖସଡ଼ା ପ୍ରସ୍ତୁତ କରିଛନ୍ତି।




**ସମ୍ବଲପୁର:** ମା'ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ 'ସମଲେଶ୍ୱରୀ ଯୁବକ ସଂଘ' ଦ୍ୱାରା ଅନୁଷ୍ଠିତ "ନୂଆଁଖାଇ ଭେଟ୍- ୨୦୨୫" କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ, ପଂଚାୟତରାଜ ମନ୍ତ୍ରୀ ରବି ନାୟକ, ବିଧାୟକ ଜୟନାରାୟଣ ମିଶ୍ର । ସମ୍ବଲପୁରରେ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ କରାଇବା ସହ ଅଯୋଧ୍ୟା ସରୋବରର ବିକାଶ କରାଯିବ ବୋଲି ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ସମସାମୟିକ ସମୟରେ ସମ୍ବଲପୁରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଆମକୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର କମ କରିବାକୁ ହେବ । ମନ୍ଦିରରେ ପ୍ଲାଷ୍ଟିକ ବର୍ଜନ କରିବାକୁ ହେବ ।




ଏନ୍‌ଡିଏର ଉପ-ରାଷ୍ଟ୍ରପତି ପ୍ରାର୍ଥୀ ସି. ପି. ରାଧାକୃଷ୍ଣନଙ୍କ ପ୍ରାର୍ଥୀତ୍ୱ ସମର୍ଥନ କରି ଏକାଠି ହୋଇଥିଲେ ଓଡ଼ିଶାର ସାଂସଦମାନେ । ସେମାନଙ୍କ ସହ ଯୋଗଦେଇଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

### ଓଡ଼ିଶାର ପୂର୍ବରୁ ପଶ୍ଚିମ ଯାଏଁ ହେବ ଶିଳ୍ପ କରିଡର



ପଶ୍ଚିମ ଓଡ଼ିଶାର ରାଉରକେଲା, ଝାରସୁଗୁଡ଼ା ଓ ବରଗଡ଼ର ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଶିଳ୍ପ ନାହିଁ। ତେଣୁ ରାଜ୍ୟର ପ୍ରତିଟି ଜିଲ୍ଲାରେ ଶିଳ୍ପାୟନ କରାଯିବ। ରାଜ୍ୟ ସରକାର ପୂର୍ବ ଓଡ଼ିଶାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ପାରାଦୀପ-ଚୌଦ୍ୱାର-ଢେଙ୍କାନାଳ-ଅନୁଗୁଳ-ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼-ରାଉରକେଲାକୁ ସଂଯୋଗ କରୁଥିବା ଏକ ଶିଳ୍ପ କରିଡର ବିକଶିତ କରାଯିବ ବୋଲି ନୂଆଖାଇ ଅବସରରେ ସୂଚନା ଦେଇଛନ୍ତି।

## ସଂପାଦକୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଅତୁଲ୍ୟ...

ସୀମା ଅତିକ୍ରମ କରିଥିଲା । ସେ ଅହମିୟା, ବଙ୍ଗଳା ଓ ହିନ୍ଦୀ ଭାଷାରେ ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଥିଲେ । ତାଙ୍କ ସ୍ୱରରେ ଯେଉଁ ପୀଡ଼ାର କାହାଣୀ ରହିଥିଲା, ତାହା ସବୁବେଳେ ଆମ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥାଏ। 'ଦିଲ୍ ହୁମ୍ ହୁମ୍ କରେ'ରେ ଯେଉଁ ପୀଡ଼ାର ପ୍ରଭାବ ଦେଖିବାକୁ ମିଳିଥାଏ, ତାହା ସିଧା ହୃଦୟର ଗଭୀରତାକୁ ସ୍ପର୍ଶ କରେ । ଆଉ ଯେତେବେଳେ ସେ ପଚାରନ୍ତି 'ଗଙ୍ଗା ବହତୀ ହୈ କ୍ୟୁଁ", ଏମିତି ଲାଗେ ଯେମିତି ପ୍ରତ୍ୟେକ ଆତ୍ମାକୁ ବିଦାରିତ କରି ସେ ଜବାବ ମାଗୁଛନ୍ତି । ସେ ସାରା ଭାରତ ଆଗରେ ଆସାମର କଥା କହିଥିଲେ, ଦେଖାଇଥିଲେ ଏବଂ ଅନୁଭବ କରାଇଥିଲେ। ଏହା କହିବା ଆଦୌ ଅତିଶୟୋକ୍ତି ହେବ ନାହିଁ ଯେ ସେ ଆଧୁନିକ ଆସାମର ସାଂସ୍କୃତିକ ପରିଚୟ ଗଢ଼ିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଆସାମ ଭିତରେ ଓ ସାରା ଦୁନିଆରେ ଥିବା ପ୍ରବାସୀ ଅହମିୟାଙ୍କ ପାଇଁ ସେ ଆସାମର ସ୍ୱର ପାଲଟିଥିଲେ। ଭୂପେନ ଦା' ଜଣେ ରାଜନୈତିକ ବ୍ୟକ୍ତି ନ ଥିଲେ, କିନ୍ତୁ ସେ ଜନସେବା ଜଗତ ସହିତ ନିବିଡ଼ ଭାବରେ ଜଡ଼ିତ ଥିଲେ। ୧୯୬୭ ମସିହାରେ, ସେ ଆସାମର ନୌବୋଇଚା ନିର୍ବାଚନ ମଣ୍ଡଳୀରୁ ଜଣେ ନିର୍ଦ୍ଦଳୀୟ ବିଧାୟକ ଭାବରେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହା ଦେଖାଇଥିଲା ଯେ ସାଧାରଣ ଲୋକଙ୍କର ତାଙ୍କ ଉପରେ କେତେ ବିଶ୍ୱାସ ଥିଲା । ସେ ରାଜନୀତିକୁ ନିଜ କ୍ୟାରିଅର ରୂପେ ବାଛି ନଥିଲେ, କିନ୍ତୁ ସବୁବେଳେ ଲୋକଙ୍କ ସେବାରେ ନିୟୋଜିତ ରହିଥିଲେ। ଭାରତବାସୀ ଏବଂ ଭାରତ ସରକାର ବର୍ଷ ବର୍ଷ ଧରି ତାଙ୍କର ବିପୁଳ ଅବଦାନକୁ ସ୍ୱୀକୃତି ପ୍ରଦାନ କରିଆସିଛନ୍ତି। ତାଙ୍କୁ ପଦ୍ମଶ୍ରୀ, ପଦ୍ମଭୂଷଣ, ପଦ୍ମବିଭୂଷଣ, ଦାଦାସାହେବ ଫାଲ୍ ପୁରସ୍କାର ଏବଂ ଅନ୍ୟାନ୍ୟ ବହୁ ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ୨୦୧୯ରେ ଆମ କାର୍ଯ୍ୟକାଳ ମଧ୍ୟରେ ତାଙ୍କୁ ଭାରତରତ୍ନ ସମ୍ମାନ ପ୍ରଦାନ କରାଯିବା, ମୋ ପାଇଁ ବ୍ୟକ୍ତିଗତ ଭାବରେ ଏବଂ ଏନ.ଡି.ଏ. ସରକାରଙ୍କ ପାଇଁ ଏକ ଗୌରବର ମୁହୂର୍ତ୍ତ ଥିଲା। ସାରା ବିଶ୍ୱର ଲୋକମାନେ, ବିଶେଷ କରି ଆସାମ ଓ ଉତ୍ତର-ପୂର୍ବାଞ୍ଚଳର ଜନସାଧାରଣ, ତାଙ୍କୁ ଏହି ସମ୍ମାନରେ ଭୂଷିତ କରାଯାଇଥିବାରୁ ଅପାର ଆନନ୍ଦ ପ୍ରକାଶ କରିଥିଲେ। ଏହା ଥିଲା ଭୂପେନ ଦା'ଙ୍କ ହୃଦୟରେ ଥିବା ସିଦ୍ଧାନ୍ତ ପ୍ରତି ସମ୍ମାନ। ସେ କହୁଥିଲେ, ସତ୍ୟତାରୁ ନିସୃତ ହୋଇଥିବା ସଙ୍ଗୀତ କୌଣସି ଗୋଟିଏ ପରିଧି ମଧ୍ୟରେ ସୀମିତ ରହି ନଥାଏ । ଗୋଟିଏ ଗୀତ ଲୋକଙ୍କ ସ୍ୱପ୍ନରେ ଡେଣା ଯୋଡ଼ିପାରେ, ଏବଂ ସାରା ଦୁନିଆର ଲୋକଙ୍କ ହୃଦୟକୁ ଛୁଇଁପାରେ। ୨୦୧୧ରେ ଭୂପେନ ଦା'ଙ୍କ ବିୟୋଗ ସମୟ ମୋର ମନେ ଅଛି । ତାଙ୍କର ଅନ୍ତେଷ୍ଟି କ୍ରିୟାରେ ଲକ୍ଷ ଲକ୍ଷ ଲୋକ ସାମିଲ ହେବା ମୁଁ ଟିଭିରେ ଦେଖିଛି। ସେହି ସମୟରେ ପ୍ରତ୍ୟେକ ଆଖି ଲୁହ ଛଳଛଳ ଥିଲା । ବଞ୍ଚିଥିବା ସମୟ ଭଳି ମୃତ୍ୟୁ ସମୟରେ ମଧ ଲୋକମାନେ ତାଙ୍କ ସହ ରହିଥିଲେ। ସେଥିପାଇଁ ତାଙ୍କୁ ବ୍ରହ୍ମପୁତ୍ର ନଦୀ ଆଡ଼କୁ ମୁହଁ କରାଇ ଜଲୁକବାଡ଼ି ପାହାଡ଼ ଉପରେ ଅନ୍ତିମ ବିଦାୟ ଦିଆଯାଇଥିଲା । ବ୍ରହ୍ମପୁତ୍ର ହେଉଛି ସେହି ନଦୀ ଯାହା ତାଙ୍କର ସଙ୍ଗୀତ, ତାଙ୍କର ପ୍ରତୀକ ଏବଂ ସ୍ମୃତିଗୁଡ଼ିକର ଜୀବନରେଖା ସାଜିଥିଲା। ଆସାମ ସରକାର ଭୂପେନ ହଜାରିକା ସାଂସ୍କୃତିକ ଟ୍ରଷ୍ଟର କାର୍ଯ୍ୟକୁ ପ୍ରୋତ୍ସାହନ ଯୋଗାଇ ଦେବା ଖୁସିର ବିଷୟ। ଏହି ଟ୍ରଷ୍ଟ ଯୁବପିଢ଼ିଙ୍କ ମଧ୍ୟରେ ଭୂପେନ ଦା'ଙ୍କ ଜୀବନଯାତ୍ରାକୁ ଯୋଡ଼ିବାରେ ନିୟୋଜିତ ରହିଛି । ଭୂପେନ ଦା'ଙ୍କ ସାଂସ୍କୃତିକ ପରମ୍ପରାକୁ ସମ୍ମାନ ଦେବା ଲାଗି ଦେଶର ସବୁଠୁ ବଡ଼ ସେତୁକୁ ଭୂପେନ ହଜାରିକା ସେତୁ ନାମରେ ନାମକରଣ କରାଯାଇଛି । ୨୦୧୭ରେ ଯେତେବେଳେ ମୋତେ ଏହି ସେତୁ ଉଦ୍ ?ଘାଟନ କରିବାର ସୁଯୋଗ ମିଳିଲା, ସେତେବେଳେ ମୁଁ ଅନୁଭବ କରିଥିଲି ଯେ ଆସାମ ଓ ଅରୁଣାଚଳ ପ୍ରଦେଶକୁ ଯୋଡ଼ୁଥିବା ତଥା ଦୁଇ ରାଜ୍ୟ ମଧ୍ୟରେ ଦୂରତା ହ୍ରାସ କରୁଥିବା ଏହି ସେତୁର ନାମକରଣ ଭୂପେନ ଦା'ଙ୍କ ନାମରେ ହେବା ସବୁଠୁ ଉପଯୁକ୍ତ ହେବ ଭୂପେନ ହଜାରିକାଙ୍କ ଜୀବନ ଆମକୁ କରୁଣାର ଶକ୍ତି ବିଷୟରେ ଅନୁଭବ କରାଇଥାଏ । ଲୋକଙ୍କ କଥା ଶୁଣିବା ଏବଂ ନିଜ ମାଟି ସହ ଯୋଡ଼ି ହୋଇ ରହିବା ଶିଖାଇଥାଏ। ଆଜି ବି ପିଲାଠୁ ବୁଢ଼ା ଯାଏ ସମସ୍ତଙ୍କ କଣ୍ଠରେ ତାଙ୍କର ଗୀତ ଶୁଣିବାକୁ ମିଳିଥାଏ। ତାଙ୍କ ସଙ୍ଗୀତ ଆମକୁ ସ୍ୱାଭିମାନୀ ଓ ସାହସୀ ହେବାକୁ ଶିଖାଏ। ଏହା ଆମକୁ ଆମ ନଦୀ, ଆମ ଶ୍ରମିକ, ଆମ ଚା' ବଗିଚା ଶ୍ରମିକ, ଆମ ନାରୀ ଶକ୍ତି ଓ ଆମ ଯୁବ ଶକ୍ତିକୁ ମନେ ରଖିବାକୁ ଅନୁପ୍ରାଣିତ କରେ । ଏହା ଆମକୁ ବିବିଧତା ମଧ୍ୟରେ ଏକତାରେ ବିଶ୍ୱାସ କରିବାକୁ ପ୍ରେରଣା ଦେଇଥାଏ। ଭୂପେନ ହଜାରିକାଙ୍କ ଭଳି ଜଣେ ଉଜ୍ଜ୍ୱଳ ପ୍ରତିଭାଙ୍କୁ ପାଇ ଭାରତ ଧନ୍ୟ ହୋଇଛି । ଆମେ ତାଙ୍କ ଜନ୍ମ ଶତାବ୍ଦୀ ବର୍ଷ ପାଳନ ଆରମ୍ଭ କରୁଛୁ। ଆସନ୍ତୁ ଆମେ ତାଙ୍କ ବାର୍ତ୍ତାକୁ ଦୂରଦୂରାନ୍ତରେ ପହଞ୍ଚାଇବା ଲାଗି ଆମ ପ୍ରତିବଦ୍ଧତାକୁ ଦୋହରାଇବା। ଏହି ସଂକଳ୍ପ ଆମକୁ ସଂଗୀତ, କଳା ଓ ସଂସ୍କୃତି ପାଇଁ ଅଧିକ କାମ କରିବା ଲାଗି ପ୍ରେରଣା ଦେଉ, ନୂଆ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରୁ, ଭାରତରେ ସୃଜନଶୀଳତା ଓ କଳାତ୍ମକ ଉତ୍କର୍ଷକୁ ଆଗକୁ ବଢ଼ାଉ। ମୋର ଅନେକ ଅନେକ ଶୁଭକାମନା। (ମତାମତ ଲେଖକଙ୍କ ନିଜସ୍ୱ)

### ନବଯୁଗୀୟ...

ଏଥିପାଇଁ ଅଷ୍ଟ୍ରେଲିଆ ସହିତ ଖଜକ୍ଷେତ୍ର ସହ ଦକ୍ଷତାକୁ ଯୋଡ଼ି ଓଡ଼ିଶାକୁ ଏକ ଗ୍ଲୋବାଲ୍ ସ୍କୁଲ୍ ସହଭାଗିତ ଭାବରେ ଏନ୍.ଏସ୍.ଟି.ଆର., ଭୁବନେଶ୍ୱର ଠାରେ ହେବାକୁ ଯାଉଛି। ଏହା ଭାରତର ସର୍ବପ୍ରଥମ ଉତ୍କର୍ଷ କେନ୍ଦ୍ର ଏକ ନ୍ୟାସନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଫଲ୍ ସ୍କଙ୍କ ପ୍ରତିଷ୍ଠା ସୃଷ୍ଟି ହେବେ। ସେହିପରି ଓଡ଼ିଶା ଆଗାମୀ ଦିନରେ ଆନ୍ତର୍ଜାତିକ ହେବ, ଯେଉଁଠାରୁ ଖଣିକ୍ଷେତ୍ରରେ ବିଶୁ ମାନର ଦକ୍ଷ ମାନବସମ୍ବଳ ସ୍ତରରେ ଏକ ବୃହତ୍ ଫିଜ୍ ଓ ଡିଜିଟାଲ ଇନୋଭେସନ ହବ୍ ଦେବାକୁ ଯାଉଛି । ଆଜି ଅଗଷ୍ଟ ୨୨ ତାରିଖରେ ଓଡ଼ିଶା ସରକାର ଓ ସିଙ୍ଗାପୁରର ଗ୍ଲୋବାଲ୍ ଫାଇନାନ୍ସିଆଲ ଟେକ୍ନୋଲଜି ନେଟୱାର୍କ (ଡିଏସ୍ ?ଟିନ)ଙ୍କ ମିଳିତ ଉଦ୍ୟମରେ ଭୁବନେଶ୍ୱର ବାପାବଲଟି ନିଜ୍ (ଆଇଜିଏସ୍ଟିସିଏର ଶୁଭାରମ୍ଭ କୋଇ ଠାରେ ଇଣ୍ଟିଗ୍ରେଟେଡ୍ ଗ୍ଲୋବାଲ୍ ଫାଇନାନ୍ସିଆଲ ଟେକ୍ନୋଲଜ ପକ୍ ପାଠ୍ୟକ୍ରମ ଆରମ୍ଭ ହେବ। ଏହା ମାଧ୍ୟମରେ ଓଡ଼ିଶା ଡିଜିଟାଲ ଓ ଫାଇନାନ୍ସିଆଲ ଟେକ୍ନୋଲଜି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହେବ। ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ବନ୍ଧୁ ମନର ଚାଟ ସେଣ୍ଟରଗୁଡ଼ିକ ନିଯୁକ୍ତି ସୁଯୋଗର ପରିସରକୁ ବ୍ୟାପକ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଟାଟା ସାଇନ୍ସ ଜଗ ମାଇନ ଓ ବିଲ୍ ଡାଟା ଆଦି କେତୁ ଓଡ଼ଶାର ଯୁବପର୍ବକୁ କୁଶଳ ଓ ଅଭିଜ୍ଞ କରିପାରିବ। ଆମ ରାଜ୍ୟରେ ଏମ୍ସ ନାମର, ଅଳନର, ଆର.ସି.ଏମ୍. ଆଁ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ ଆଦି ଜାତୀୟ ସ୍ତରର ଅନୁଷ୍ଠାନ ସବୁ ବାୟୋଟେକ୍ କ୍ଷେତ୍ରରେ ଅଧିକ ଜବର୍ଗ ଓ ଇନୋଭେସନ୍ ଦିଗରେ ଦାୟକ ହେବେ। ଅନୁରୂପ ଭାବେ ଓଡ଼ିଶାର ପାର୍ଟ ଟେକ୍ ଦିଗକୁ ଦୃଷ୍ଟିରେ ରଖି ଫାର୍ମାଚ୍ୟୁଟିକାଲ୍ସ ମାନୁଫାକ୍ଚରିଂ ଓ ଇନୋଭେସନ୍ କ୍ଷେତ୍ରରେ ଏହାକୁ ଏକ ଆସୁଅ ରାଜ୍ୟରେ ପରିଣତ କରିଦେବା। ଆଗାମୀ ଦିନରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଫାର୍ମଗୁଡ଼ିକାଲ ଏଜୁକେସନ ଏ ରିସର୍ଚ (ନାଇପର) ଭଳି ଜାତୀୟ ପ୍ରତିଷ୍ଠାନ ଓଡ଼ିଶାରେ ସ୍ଥାପିତ ହେବ ଯାହା ଆମ ଫାର୍ମା ଟେକ୍ ସାମର୍ଥ୍ୟକୁ ନୂଆ ପରିଚୟ ପ୍ରଦାନ କରିବା ଓଡ଼ିଶାରେ 'ନ୍ୟୁ ଏନ୍' ଅର୍ଥନୀତିର ଅନ୍ୟ ଏକ ପ୍ରମୁଖ ଉପାଦାନ ହେଉଛି ସେମକରରେ ଶିଳ୍ପ। ଏହି ବର୍ଷ ଶେଷ ସୁଦ୍ଧା ବଜାରରେ ଭାରତ ନିର୍ମିତ ସେମିକଣ୍ଡକ୍ଟର ଚିପ୍ ଉପଲବ୍ ?ଧ କରିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପୁଣ୍ଣ ପ୍ରତିଷ୍ଠାକୁ ମ୍ୟୁଲ ମିଳିଛି ଏଇ ନିକଟିଲେ । ଅର ଫଲ, ଟି. ଭୁବନେଶ୍ୱରରେ ପ୍ରତିଷ୍ଠିତ ରିସର୍ଚ୍ଚ ପାର୍କ ଦ୍ୱାରା ଓଡ଼ିଶାର ସେମିଳଣର ଶିଳ୍ପକୁ ନଜେନ୍ ସପୋର୍ଟ ମିଳିବ। ୨୦୩୦ ମସିହା ମୁଦ୍ଧା ଭାରତର ଦୌମିକଣ୍ଡକ୍ଟର ମାର୍କେଟ ଦୁଇଗୁଣରୁ ଅଧିକ, ଅର୍ଥାତ୍ ୧୦୦ରୁ ୧୧୦ ବିଲିଅନ ଡଲାର ଦୁଇବାର ଆକଳନ କରାଯାଇଥିବା ବେଳେ ଏଥିରେ ଓଡ଼ିଶାର ଅବଦାନ ଯଷ୍ଟ ରହିବ ଏବଂ ଓଡ଼ିଶାର ସେମିକଣ୍ଡକ୍ଟର ଇକୋସିଷ୍ଟମ ବ୍ୟାପକ ନେବ ବୋଲି ମୋର ବିଶ୍ୱାସ। ଭବିଷ୍ୟତକୁ ସମ୍ଭାବନାମୟ କରିବ। ଆମ ରାଜ୍ୟର ଡ୍ରୋନ୍ ଏବେ ସେହିପରି, ପ୍ରତିରକ୍ଷା କ୍ଷେତ୍ରରେ ଡେଫ୍-ଟେକ୍ ଓଡ଼ିଶାର ସାରା ଦେଶରେ ଚଳିତ, କାରଣ ଭାରତ ସରକାରଙ୍କ ଅପରେସନ ସଦୂତରେ ଏହି ଗୁଡିକର ଉଲ୍ଲେଖନୀୟ ଭୂମିକା ରହିଥିଲା ଏହା ଡେସ୍-ଟେକ୍ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଓଡ଼ିଶାର ମନୋଜନ ବଢ଼ାଇଛି । ଏହା ବ୍ୟତୀତ ହିନ୍ଦୁସ୍ତାନ୍ ଏରୋନେଟିକ୍ସ କମିଟେଡ୍? ( ଏନ୍ ଏଏଲ୍). ସୁନାବେଡାର ଆନୁସଙ୍ଗିକ ଶିଳ୍ପ ପ୍ରତିଷ୍ଠା ମାଧ୍ୟମରେ ଲୋକାଲ ଏହା ନଳ ଓ ଏମ୍. ଏସ୍.ଏମ୍.ଇ. କ୍ଷେତ୍ରର ଯୋଗଦାନକୁ ବଜାର ଭାରତୀୟ ପ୍ରତିରକ୍ଷା ବ୍ୟବସ୍ଥାରେ ଓଡ଼ିଶା ପରି ଗୋଟିଏ କୃଷିପ୍ରଧାନ ରାଜ୍ୟର ଅର୍ଥନୀତିରେ ଓଡ଼ିଶାର ଉଲ୍ଲେଖନୀୟ ଅବଦାନକୁ ସୁନୟତ କରିଦେବ କୃଷକମାନଙ୍କୁ ସଶକ୍ତ କରିବା ପାଇଁ କାର୍ଯ୍ୟରେ ପ୍ରଯୁକ୍ତିବିଦ୍ୟା ଏବଂ ଟେକ୍ କ୍ଷେତ୍ରର ଉଲ୍ଲେଖନୀୟ ଅବଦାନ ଗଳିବ। ଗଜର ଯଥା- ଡ୍ରୋନ୍, ଆଇ.ଓ.ଟି. ଓ ଏ.ଆଇ. ସାଙ୍ଗକୁ ଏମ୍ପିଳଳଚରାଲ୍ କାଟା ଆନାଲିସିସ୍ ଆଦିର ସଦୁପଯୋଗ କରାଯାଇ ବିଜିଟାଲ ଫାର୍ମର ସମ୍ଭାବନାକୁ ବ୍ୟାପକ କରିହେବ। ଫଳତଃ ଆମ ରାଜ୍ୟର କୃଷି ଉତ୍ପାଦକତା ବଢ଼ିବ ସହ ଅମଳ ପରବର୍ତ୍ତୀ କ୍ଷୟକ୍ଷତିକୁ ମଧ ଲୋକାଯାଇ ପାରିବା ଏ-ଟେକ୍ ସମିତ ଓଡ଼ିଶାର ଟେକ୍ସଟାଇଲ କ୍ଷେତ୍ରକୁ ମଧ ଜନତିର ସୋପାନକୁ ନେଇହେବ। ଭାରତ ସରକାରଙ୍କ ନ୍ୟାସନାଲ ଶାସନ ପର କଟକ ପ୍ରଚରେଟ ଜରିଆରେ ଓଡ଼ିଶାର ଟେକ୍ସଟାଇଲ କ୍ଷେତ୍ର ବିଶେଷ ଲାଭବାନ ହେବ। ଏହା ସତ ରାଜ୍ୟରେ ଆରମ୍ଭ ହେବାକୁ ଥିବା ୬ ଗୋଟି ନୂଆ ଟେକ୍ସଟାଇଲ, ଆପାରେଲ ଓ ଫୁଟର ଦ୍ୱାରା ବୟନଶିଳ୍ପ ଜଡ଼ିତ ଭାରିଗର, ଯୁବ କାରିଗରମାନେ ଉପକୃତ ହେବେ ବୟନଶିଳ୍ପ କ୍ଷେତ୍ରରେ ଉତ୍ପାଦନ ଓ ରପ୍ତାନି ବୃଦ୍ଧିର ସମନ୍ୱୟରେ ସ୍ଥାନୀୟ ଅଞ୍ଚଳରେ ନର ସୁଯୋଗ ଆନ ବ୍ୟାସକ ହେବ ଏବଂ ସ୍ଥାନୀୟ ଅର୍ଥନୀତିର ଅଭିବୃଦ୍ଧିକୁ ଏହା ଖୋରାକ ଯୋଗାଇବ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଚ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ ଯେ ୨୦୩୫ ବେଳକୁ ଭାରତ ଏକ ଟେକ୍ନୋଜନ ଟେକଲଏଣ୍ଡ ଦେଶରେ ପରୀତ ହୋଇସାରିଥିବ। ଏଥିରେ ଓଡ଼ିଶାର ଭାଗୀଦାର ଯେମିତି ସବୁଠୁ ଅଧିକ ହୋଇଥିବ, ସେ ଦିଗରେ ଆମେ କାର୍ଯ୍ୟ କରିବା । ଟେକ୍ ରେଜଲଏଣ୍ଟ ଇରମରେ ସମୃଦ୍ଧ ଭାରତରେ ଗଠନ ପାଇଁ ଓଡ଼ିଶାର ନବଯୁଗୀୟ ଅର୍ଥନୀତ ନିଶ୍ଚୟ ସହାୟଙ୍କ ନେବ ବୋଲି ମୋର ଆଶା ଓ ବିଶ୍ୱାସ। (ମତାମତ ଲେଖକଙ୍କ ନିକଟ)

### ଶିକ୍ଷକ: ସମୃଦ୍ଧ ଓଡ଼ିଶାର...

ନୂତନ ଶିକ୍ଷାନୀତି-୨୦୨୦ ଆଧାରରେ ରାଜ୍ୟର ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷକ ସମାଜ ଆମର ମୂଳ ଆଧାର ରାଜ୍ୟରେ ବର୍ତ୍ତମାନ ୪୫,୨୯୨ଟି ପ୍ରାଥମିକ ବିଦ୍ୟାଳୟରେ ୧,୬୦,୩୧୯ଟି ପଦ ରହିଛି। ମୋ ସରକାର ଏହା ସହ ଆଉ ୩୯,୩୬୬ଟି ନୂତନ ଶିକ୍ଷକ ପଦ ସୃଷ୍ଟି କରିବା ପାଇଁ ନୀତିଗତ ନିଷ୍ପତି ନେଇ ସାରିଛନ୍ତି। ଆଗାମୀ ୩ ବର୍ଷ ମଧ୍ୟରେ ୪୪,୪୩୩ଟି ଶିକ୍ଷାକ ପଦ ପୂରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ସହ ପର୍ଯ୍ୟାୟକ୍ରମେ ଏହାକୁ ପୂରଣର ବ୍ୟବସ୍ଥା ତିଆରି କରାଯାଇଛି। (ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ଅଛି ବୋଲି ମତ ପ୍ରକାଶ ପାଇ ଆସିଅଛି। ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)କୁ ମିଶାଇ ଗୋଟିଏ ବୋର୍ଡ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଉଥିବାବେଳେ ନବମ ଓ ଦଶମ ଶ୍ରେଣୀର କେବଳ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯିବ। ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଆବାସିକ ବ୍ୟବସ୍ଥାରେ ଛାତ୍ରାବାସରେ ରହୁଥିବା ପ୍ରତି ୩୦୦ ଛାତ୍ରଛାତ୍ରୀମାନଙ୍କ ପାଇଁ ଜଣେ ଏଏନ୍‌ଏମ୍ ବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି କରିବା ପାଇଁ ନିଷ୍ପତି ନିଆଯାଇଛି। ଆଦିବାସୀ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି । ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ମୋ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ପରିକଳ୍ପନା କରିଛନ୍ତି। ରାଜ୍ୟର ସବୁ ପଞ୍ଚାୟତରେ ଏହିପରି ବିଦ୍ୟାଳୟ ସ୍ଥାପନର ଲକ୍ଷ୍ୟ ରଖାଯାଇଥିବା ବେଳେ କେବଳ ପ୍ରଥମ ପର୍ଯ୍ୟାୟରେ ୮୩୫ଟି ବିଦ୍ୟାଳୟକୁ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଫିଡର୍ ସ୍କୁଲ ଭାବରେ ପରିକଳ୍ପନା କରାଯାଇଛି। ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୭ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ କରାଯାଇଛି । ପଞ୍ଚାୟତ ସ୍ତରରେ ଏହି ସ୍କୁଲଗୁଡ଼ିକରେ ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମିରେ ଜାତୀୟ ସ୍ତରୀୟ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ। ବିଭିନ୍ନ ଗ୍ରାମରୁ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲକୁ ନେବା ଆଣିବା କରିବାର ବ୍ୟବସ୍ଥା କରାଯିବ। ଏହି ସ୍କୁଲଗୁଡ଼ିକର ମୂଳଦୁଆ ହେବେ ଶିକ୍ଷକମାନେ ଶିକ୍ଷକ ଚୟନ ପ୍ରକ୍ରିୟାରେ ଉନ୍ନତ ପଦକ୍ଷେପ ତଥା ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ବିକାଶ ପାଇଁ ବିଶେଷ ଧ୍ୟାନ ଦେବାର ବ୍ୟବସ୍ଥା କରାଯିବ। ଏହି ବିଦ୍ୟାଳୟଗୁଡ଼ିକରେ 'ଷ୍ଟେମ୍' ଅର୍ଥାତ୍ ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଓ ମାଥମେଟିକ୍ସ ସହ ବୃତିଗତ ଦକ୍ଷତା ଓ ଅଭିଜ୍ଞତାମୂଳକ ଶିକ୍ଷା ସମେତ ବହୁବିଧ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯିବ । ମୋର ପ୍ରିୟ ଶିକ୍ଷକ ସମାଜ, ଶିକ୍ଷା ଭିତ୍ତିଭୂମି ବିକାଶର ବ୍ୟବସ୍ଥା କରିବାରେ ମୋ ସରକାର ତିଳେମାତ୍ର ଅବହେଳା କରିବେ ନାହିଁ । ସ୍କୁଲ କାନ୍ଥରେ ରଙ୍ଗ ମାରି ରୂପାନ୍ତରୀକରଣର ପ୍ରଚାର ମୋ ସରକାରର ଆଭିମୁଖ୍ୟ ନୁହେଁ। ଉପଯୁକ୍ତ ଶିକ୍ଷକ ଏବଂ ସେମାନଙ୍କର ବିକାଶ ସହ ଛାତ୍ରଛାତ୍ରୀଙ୍କର ଯତ୍ନ ଆମ ରୂପାନ୍ତରୀକରଣର କେନ୍ଦ୍ରବିନ୍ଦୁ ଆପଣ ଖାଲି ପରିବାର ଚଳାଇବା ପାଇଁ, ଦରମା ପାଇଁ କାମ କରୁ ନାହାନ୍ତି। ଆପଣ ଓଡ଼ିଶାର ଭବିଷ୍ୟତ ଗଢ଼ିବାର ଏନ୍ତୁଡ଼ିଶାଳରେ ବସିଛନ୍ତି। ଆପଣଙ୍କ ନିଷ୍ଠାପର ଉଦ୍ୟମ ପିଲାଙ୍କ ଭବିଷ୍ୟତ ତ ଗଢ଼ିବ ମାତ୍ର ଏହା ମଧ୍ୟ ଓଡ଼ିଶାର ଭାଗ୍ୟ ପରିବର୍ତ୍ତନ କରିବ। ଆପଣଙ୍କ ନିଷ୍ଠା ପ୍ରକୃତ ପକ୍ଷେ ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା କରିବ ଏହି ଆଶା ଓ ଭରସା ସାରା ଓଡ଼ିଶାବାସୀ ଆପଣଙ୍କ ଉପରେ ରଖିଛନ୍ତି। ପବିତ୍ର ଗୁରୁ ଦିବସରେ ପୁଣି ଥରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଜୟ ଜଗନ୍ନାଥ।

# ୮ ଜଣଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର




**ଭୁବନେଶ୍ୱର:** ରାଜ୍ୟର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ଉତ୍ସବ ଶୁକ୍ରବାର ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଜାତୀୟ ରେକର୍ଡଧାରୀ ଧାବକ ଅନିମେଷ କୁଜୁର, ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍ ଭାବେ ହ୍ୱିଲଚେୟାର୍ ଫେନ୍‌ସର ରାଖାଲ କୁମାର ସେଠୀ, ଭଲିବଲ୍ ପ୍ରଶିକ୍ଷକ ସୁଷମା ନନ୍ଦ, ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ଡବଲ୍ ବିଶ୍ୱ ପଦକ ବିଜେତା ୯ ବର୍ଷୀୟ ସାତ୍ତ୍ୱିକ ସ୍ୱାଇଁ, କ୍ରୀଡ଼ା ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ଲାଗି ରାଜ୍ୟ ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ଭାବେ 'ପ୍ରମେୟ'ର କ୍ରୀଡ଼ା ପ୍ରତିନିଧି ବିମଳ କୁମାର ରାଉଳ, ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ ତଥା ସପୋର୍ଟ ଷ୍ଟାଫ୍ ଭାବେ ଭାରତୀୟ ତଥା ଓଡ଼ିଶା କ୍ରୀଡ଼ା ପ୍ରତି ଅତୁଳନୀୟ ଅବଦାନ ରଖିଥିବା ସୁଦୀପ ଶତପଥୀ ଏବଂ ଜୀବନବ୍ୟାପୀ ସାଧନା ଲାଗି ଓଡ଼ିଶାର ପ୍ରଥମ ପୁରୁଷ ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳକ ବିଜୟ କୁମାର ଶତପଥୀଙ୍କୁ ପୁରସ୍କୃତ କରାଯାଇଛି । ଅସୁସ୍ଥ ବିଜୟ ଶତପଥୀଙ୍କ ଅନୁପସ୍ଥିତିରେ ତାଙ୍କ ପୁତ୍ର ସୋମନାଥ ଶତପଥୀ ଏହି ପୁରସ୍କାର ଗ୍ରହଣ କରିଥିଲେ । ଆଜୀବନ ସେବା ସମ୍ମାନ ପାଇଁ ୪ ଲକ୍ଷ ଟଙ୍କା, ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ୩ ଲକ୍ଷ ଏବଂ ଅନ୍ୟ ସମସ୍ତଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅର୍ଥ ରାଶି ସବୁ ତ୍ୱରିତ ପ୍ରକ୍ରିୟାରେ ଉତ୍ସବ ନ ସରୁଣୁ ସେମାନଙ୍କ ଆକାଉଣ୍ଟ୍ ପ୍ରେରଣ କରାଯାଇଥିଲା ।

## ହକି ଏସିଆ କପ୍ ଚାମ୍ପିଅନ୍‌ସିପ୍

# ଟାଇଟଲ ହାତେଇଲା ଭାରତ



**ନୂଆଦିଲ୍ଲୀ:** ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରି ଭାରତ ହକି ଏସିଆ କପ୍ ଟାଇଟଲ ଜିତିଛି । ଚତୁର୍ଥ ଥର ପାଇଁ ଭାରତ ଏସିଆ କପ୍ ଟ୍ରଫି ଜିତିଛି । ଏହି ବିଜୟ ସହ ଭାରତ ୨୦୨୬ରେ ବେଲଜିୟମ ଓ ନେଦରଲାଣ୍ଡସରେ ହେବାକୁ ଥିବା ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି । ଟିମ୍ ଇଣ୍ଡିଆ ପାଇଁ ସୁଖଜିତ ସିଂହ, ଅମିତ ରୋହିଦାସ ଗୋଟିଏ ଲେଖାଏଁ ଗୋଲ ଏବଂ ଦିଲପ୍ରୀତ ସିଂହ ଦୁଇଟି ଗୋଲ ଦେଇଥିଲେ । ଏହା ସହିତ, ଭାରତ ୨୦୧୩ ଫାଇନାଲର ପରାଜୟର ପ୍ରତିଶୋଧ ନେଇଛି, ଯେତେବେଳେ ଦକ୍ଷିଣ କୋରିଆ ଭାରତକୁ ୪-୩ ଗୋଲରେ ପରାସ୍ତ କରି ଟ୍ରଫି ଜିତିଥିଲା । ଟିମ୍ ଇଣ୍ଡିଆ ପାଇଁ ସୁଖଜିତ ସିଂହ, ଅମିତ ରୋହିଦାସ ଗୋଟିଏ ଲେଖାଏଁ ଗୋଲ ଏବଂ ଦିଲପ୍ରୀତ ସିଂହ ଦୁଇଟି ଗୋଲ ଦେଇଥିଲେ । ଏହା ସହିତ, ଭାରତ ୨୦୧୩ ଫାଇନାଲର ପରାଜୟର ପ୍ରତିଶୋଧ ନେଇଛି, ଯେତେବେଳେ ଦକ୍ଷିଣ କୋରିଆ ଭାରତକୁ ୪-୩ ଗୋଲରେ ପରାସ୍ତ କରି ଟ୍ରଫି ଜିତିଥିଲା । ମ୍ୟାଚର ପ୍ରାରମ୍ଭିକ ମୁହୂର୍ତ୍ତରେ ସୁଖଜିତ ସିଂହ ଏକ ଗୋଲ ସ୍କୋର କରି ଟିମ୍ ଇଣ୍ଡିଆକୁ ଆଗୁଆ ରଖିଥିଲେ । ପ୍ରଥମ କ୍ୱାର୍ଟରରେ ଭାରତକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମଧ୍ୟ ମିଳିଥିଲା, କିନ୍ତୁ ଗୋଲ ହୋଇପାରିନଥିଲା । ଦ୍ୱିତୀୟ କ୍ୱାର୍ଟର ଆରମ୍ଭ ହୋଇଥିଲା ଯେତେବେଳେ ଜୁଗରାଜ ସିଂହଙ୍କୁ ୨ ମିନିଟ୍ ପାଇଁ ନିଲମ୍ବିତ କରାଯାଇଥିଲା । ଟିମ୍ ଇଣ୍ଡିଆ ପଡ଼ିଆରେ ୧୦ ଜଣ ଖେଳାଳି ଥିଲେ, ଏହା ସତ୍ତ୍ୱେ କୋରିଆନ୍ ଦଳ କୌଣସି ଗୋଲ କରିପାରିନଥିଲା । ଦ୍ୱିତୀୟ କ୍ୱାର୍ଟରରେ ଦିଲପ୍ରୀତ ସିଂହ ଏକ ଗୋଲ ସ୍କୋର କରି ଟିମ୍ ଇଣ୍ଡିଆକୁ ୨-୦ରେ ଆଗୁଆ ରଖିଥିଲେ ।

# ପୁଲିସ ବିଭାଗର ୪୧ ଜଣ ଶ୍ରେଷ୍ଠ କ୍ରୀଡ଼ାବିତ ସମ୍ବର୍ଦ୍ଧିତ



**କଟକ:** କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିନ ତଥା ଜାତୀୟ କ୍ରୀଡା ଦିବସ ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓଡିଶା ପୁଲିସ ବିଭାଗର ୪୧ ଜଣ ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । କଟକ ଆଇପିଏସ ମେସସ୍ଥିତ ଆର.କେ. ପାଢ଼ୀ ମେମୋରିଆଲ ହଲ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଡିଜିପି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା ପୁଲିସ ବିଭାଗର କ୍ରୀଡ଼ାବିତଙ୍କ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତାର ଭୂୟସୀ ପ୍ରଶଂସା କରିଥିଲେ । ଏଥି ନିମନ୍ତେ ବିଗତ ଦିନରେ ସାରା ଦେଶରେ ଓଡିଶା ପୋଲିସର ସୁନାମ ବୃଦ୍ଧି ପାଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ । ଏହି ସମ୍ବର୍ଦ୍ଧନା ସମାରୋହ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ ଆମେରିକାର ବିର୍ମିଂହାମ ଠାରେ ଅନୁଷ୍ଠିତ ହେଇଥିବା ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡା ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ୭ ଜଣ କ୍ରୀଡାବିତଙ୍କ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ମଧ୍ୟ ଡିଜିପି ଉଲ୍ଲେଖ କରିଥିଲେ । ଏହି କ୍ରୀଡ଼ାବିତମାନେ ନିଜର ଦକ୍ଷତା ପ୍ରତିପାଦନ କରି ୧୩ ଗୋଟି ସ୍ୱର୍ଣ, ୩ ଗୋଟି ରୌପ୍ୟ ଏବଂ ୪ ଗୋଟି କାଂସ୍ୟ ପଦକ ବିଜୟ ହୋଇ ଖେଳ ଜଗତରେ ନୂଆ ଇତିହାସ ସୃଷ୍ଟି କରିବା ସହିତ ଓଡ଼ିଶା ପୋଲିସକୁ ଗୌରବ ମଣ୍ଡିତ କରିଛନ୍ତି ବୋଲି ସେ କହିଥିଲେ । ଆଗାମୀ ଦିନରେ ମଧ୍ୟ ଅନ୍ୟ କ୍ରୀଡ଼ାବିତମାନେ ମଧ୍ୟ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡା କ୍ଷେତ୍ରରେ ଅଂଶଗ୍ରହଣ କରି ଓଡିଶା ପୁଲିସର ଗୌରବ ବୃଦ୍ଧି କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଏହି ଅବସରରେ ଡିଜିପି ୪୧ ଜଣ କ୍ରୀଡ଼ାବିତଙ୍କୁ ଉତ୍ତରୀୟ, ନଗଦ ଅର୍ଥ ରାଶି ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## କ୍ରିକେଟରୁ ଚେତେଶ୍ୱର ପୂଜାରାଙ୍କ ଅବସର

**କୋଲକାତା:** ଟିମ୍ ଇଣ୍ଡିଆର ଅଭିଜ୍ଞ ଖେଳାଳି ଚେତେଶ୍ୱର ପୂଜାରା ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ପୂଜାରା ବହୁତ ଦିନ ଧରି ଟେଷ୍ଟ ଟିମ୍ ଇଣ୍ଡିଆରୁ ବାହାରେ ଥିଲେ । ଏହି ଅଭିଜ୍ଞ ଖେଳାଳି ସୋସିଆଲ ମିଡିଆରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ସମ୍ପର୍କରେ ଘୋଷଣା କରିଛନ୍ତି । ଯେଉଁଥିରେ ସେ ଏକ ଭାବପ୍ରବଣ ନୋଟ୍ ଲେଖି କ୍ରିକେଟର ସମସ୍ତ ଫର୍ମାଟକୁ ଅଲବିଦା କହିଛନ୍ତି । ଏକ ପୋଷ୍ଟରେ ଲେଖିଛନ୍ତି, ଭାରତୀୟ ଜର୍ସି ପିନ୍ଧିବା, ଜାତୀୟ ସଙ୍ଗୀତ ଗାଇବା ଏବଂ ପଡ଼ିଆରେ ପାଦ ଦେବା ସମୟରେ ପ୍ରତ୍ୟେକ ଥର ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା, ଏହାର ପ୍ରକୃତ ଅର୍ଥ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ । ପ୍ରତ୍ୟେକର ଗୋଟିଏ ଅନ୍ତ ଅଛି । ତେଣୁ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି ।

# ସୁସ୍ଥ ଓ ଫିଟ ରହିବାକୁ ସାଇକେଲ ଚାଳନା ଏକ ସୁନ୍ଦର ଅଭ୍ୟାସ: ସାଂସଦ ଡା ପାତ୍ର





**ପୁରୀ:** ନିଜକୁ ସୁସ୍ଥ, ନୀରୋଗ ଓ ଫିଟ ରଖିବାକୁ ସାଇକେଲ ଚାଳନା ଏକ ସୁନ୍ଦର ଅଭ୍ୟାସ ।ପ୍ରଧାନମନ୍ତ୍ରୀ ଙ୍କ ଫିଟ ଇଣ୍ଡିଆ ଅଭିଯାନ ପାଇଁ ତଥା ନିଜକୁ ସୁସ୍ଥ ରଖିବା ପାଇଁ ଯୋଗ, ପ୍ରାଣାୟମ ଭଳି ସାଇକେଲ ଚାଳନାରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ପୁରୀ ଲୋକ ସଭା ସାଂସଦ ଡା ସମ୍ବିତ ପାତ୍ର ।ଆଜି ସ୍ୱାୟତ୍ତ ଶାସନ ଦିବସ ଓ ଜାତୀୟ କ୍ରିଡା ଦିବସର ତିନି ଦିନିଆ କାର୍ଯ୍ୟକ୍ରମ ର ଅନ୍ତିମ ଦିବସ ରେ ଏକ ବିଶାଳ ସାଇକେଲ ଶୋଭାଯାତ୍ରା ପୁରୀ ପୌରପାଳିକା ଓ କ୍ରିଡା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ।ଏହାକୁ ଉଦଘାଟନ କରି ସାଂସଦ ଡା ପାତ୍ର ପ୍ରତ୍ୟେକ କିଛି ନା କିଛି କାର୍ଯ୍ୟ କଳାପ ମାଧ୍ୟମରେ ନିଜକୁ ଫିଟ ରଖିବା ଉଚିତ ।ଚଳିତ ବର୍ଷ ସେପ୍ଟେମ୍ବର ୨୧ରୁ ଆରମ୍ଭ ହେଉଥିବା ସାଂସଦ ଖେଳ ମହୋତ୍ସବ ପାଇଁ ପଞ୍ଜିକରଣ କରିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଖୋ ଖୋ କ୍ରିଡା ର ବରିଷ୍ଠ ପ୍ରଶିକ୍ଷକ ସଞ୍ଜୀବ ଶର୍ମା,ବିଭିନ୍ନ ବିଭାଗର କ୍ରିଡା କୋଚ ଓ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ ।ଏହି ଶୋଭାଯାତ୍ରା ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରୁ ବାହାରି ସିଟି ରୋଡ ଦେଇ ଗାନ୍ଧୀ ପାର୍କ ଠାରେ ପହଞ୍ଚିଥିଲା ।






କଳିଙ୍ଗ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଐତିହାସିକ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି, କ୍ରୀଡା ଏବଂ ଯୁବ ସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ୪ର୍ଥ ସବ୍-ଜୁନିୟର ଏବଂ ସିନିୟର ଜାତୀୟ ଟାଏକୋଣ୍ଡୋ ଚାମ୍ପିଅନସିପ୍ ୨୦୨୫ ର ସମାପନୀ



୨୮ ଅଗଷ୍ଟରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଚତୁର୍ଥ ସବ୍-ଜୁନିୟର ଏବଂ ସିନିୟର ଜାତୀୟ ଟାଏକୋଣ୍ଡୋ ଚାମ୍ପିଅନସିପ୍ ୨୦୨୫ ର ସମାପନୀ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି, କ୍ରୀଡା ଏବଂ ଯୁବ ସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ, କଟକ ସଦର ପ୍ରକାଶ ଚନ୍ଦ୍ର ସେଠୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ରହି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।






ପୁରୀ ସ୍ଥିତ ଜାତୀୟ କ୍ରୀଡା କମ୍ପ୍ଲେକ୍ସ ଅବସରରେ ଆୟୋଜିତ 'ଏମ୍ ପି କ୍ରୀଡା ମହୋତ୍ସବ- ୨୦୨୫'ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡାର ପ୍ରଶିକ୍ଷକମାନଙ୍କୁ ସମ୍ମାନିତ ଏବଂ ପ୍ରତିଭାବାନ ବକ୍ସିଂ ଖେଳାଳିଙ୍କ ସହ ଭାବ ବିନିମୟ କରିଛନ୍ତି ସାଂସଦ ଡ. ସମ୍ବିତ ପାତ୍ର ।





କ୍ରୀଡା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭୁବନେଶ୍ୱରସ୍ଥିତ କଳିଙ୍ଗଷ୍ଟାଡିୟମରେ ଚାଲିଥିବା ୧୪ତମ ଓଡ଼ିଶା ରାଜ୍ୟ ସୁଟିଂ ଚାମ୍ପିଅନସିପକୁ ଉଦଘାଟନ କରିବା ଅବସରରେ ।



ମହିଳା ଏସିଆ କପ୍ ହକିରେ ଭାରତ ଦୁଇ ପ୍ରତିଭାବାନ ତାରକା ନଭନୀତ କୌର (୧୪, ୧୮, ୨୮) ଓ ମମ୍ତାଜ୍ ଖାନ୍ (୨, ୩୨, ୩୮)ଙ୍କ ହ୍ୟାଟ୍ରିକ୍ ଗୋଲ୍ ବଳରେ ସିଙ୍ଗାପୁରକୁ ୧୨-୦ର ବଡ଼ ବ୍ୟବଧାନରେ ପରାସ୍ତ କରିଛି ।



୧୫ତମ କନିଷ୍ଠ ଜାତୀୟ ହକି ଚାମ୍ପିଅନସିପର ପୁରୁଷ ବିଭାଗରେ ରୌପ୍ୟ ପଦକ ଜିତିଥିବା ଓଡ଼ିଶା ଦଳକୁ କଳିଙ୍ଗ ଷ୍ଟାଡିଅମ ପରିସରରେ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ କ୍ରୀଡା ଏବଂ ଯୁବ ସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ମାନିତ କରିବା ଅବସରରେ ।

# ମହିଳା ବିଶ୍ୱକପ : ବିଜେତା ଦଳକୁ ମିଳିବ ୪୦ କୋଟି ପୁରସ୍କାର ରାଶି

**ନୂଆଦିଲ୍ଲୀ:** ମହିଳା କ୍ରିକେଟର ଲୋକପ୍ରିୟତାକୁ ପ୍ରୋତ୍ସାହିତ କରିବା ଏବଂ ପୁରୁଷ କ୍ରିକେଟରଙ୍କ ପରି ସେମାନଙ୍କୁ ସମାନ ସମ୍ମାନ ଦେବା ପାଇଁ, ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୨୦୨୫ ମହିଳା ଦିନିକିଆ ବିଶ୍ୱକପର ପୁରସ୍କାର ରାଶି ଉଲ୍ଲେଖନୀୟଭାବେ ବୃଦ୍ଧି କରିଛି । ଏବେ ଚାମ୍ପିଅନ୍ ଦଳକୁ ପ୍ରାୟ ୪୦ କୋଟି ଟଙ୍କା ଦିଆଯିବ । ଉଲ୍ଲେଖନୀୟ ଯେ ୨୦୨୫ ମହିଳା ଦିନିକିଆ ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ଖେଳାଯିବ । ଏଥର ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ମିଳିତ ଭାବରେ ଆୟୋଜନ କରାଯାଉଛି । ଏହି ବିଶ୍ୱକପରେ ମୋଟ ଆଠଟି ଦଳ ଅଂଶଗ୍ରହଣ କରିବେ । ଉଲ୍ଲେଖନୀୟ ଯେ ୨୦୨୫ ମହିଳା ଦିନିକିଆ ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ଖେଳାଯିବ । ଏଥର ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ମିଳିତ ଭାବରେ ଆୟୋଜନ କରାଯାଉଛି । ଏହି ବିଶ୍ୱକପରେ ମୋଟ ଆଠଟି ଦଳ ଅଂଶଗ୍ରହଣ କରିବେ । ଏହି ବିଶ୍ୱକପରେ, ବିଜେତା ଦଳକୁ ୪୪.୮୦ ଲକ୍ଷ ଡଲାର (ପ୍ରାୟ ୩୯.୫୫ କୋଟି ଟଙ୍କା) ପୁରସ୍କାର ରାଶି ମିଳିବ, ଯାହା ଏହି ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ପୁରସ୍କାର ରାଶି ହେବ । ସେହିପରି ରନର୍ସ ଅପ ଦଳକୁ ୨.୨୪ ନିୟୁତ ଡଲାର ବା ୧୯.୭୭ କୋଟି ଟଙ୍କା ମିଳିବ । ଆଇସିସି ଏହି ଟୁର୍ଣ୍ଣାମେଣ୍ଟ ପାଇଁ ମୋଟ ୧୩.୮୮ ମିଲିୟନ ଡଲାର (ପ୍ରାୟ ୧୨୨.୫ କୋଟି ଟଙ୍କା) ପୁରସ୍କାର ରାଶି ଘୋଷଣା କରିଛି । ଗତ ବିଶ୍ୱକପରେ ମୋଟ ପୁରସ୍କାର ରାଶି ମାତ୍ର ୩୧ କୋଟି ଟଙ୍କା ଥିଲା ।

Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty